# ଦାସ ନାଏକ

# ଭୂମିକା

ମୁଁ ଗତ ମାର୍ଚ୍ଚ, ଏପ୍ରେଲ୍, ମେ, ଜୁନ୍ ମଧ୍ୟରେ ହଜାରିବାଗ ଜେଲରେ ଥିବାବେଳେ ଇଂରେଜ କବି ଟେନିସନ୍‌ଙ୍କର 'ଇନକ୍ ଆର୍ଡେନ୍' କାବ୍ୟ ପଢ଼ୁଥିଲି । ହଠାତ୍ ମନେ ହେଲା, ସମସ୍ତ ରାତି ଏକାକୀ ବଂଦ ହେବାବେଳେ କିଛି ଲେଖିବାର ଆରଂଭ କଲେ କାଳ କଟିଯିବ । ତେଣୁ ସେହି ଇନକ୍ ଆର୍ଡେନ୍ ଆଶ୍ରୟରେ 'ଦାସ ନାଏକ' ବୋଲି ଏହି କାବ୍ୟଟି ଲେଖିଲି ।

ସାଧାରଣ ଲୋକେ ବୁଝିବାଭଳି ଭାଷା ତଥା ଭାବରେ କାବ୍ୟ ଏବେ ଲେଖିହେବ କି ନା, ଏ କଥା ବହୁଦିନରୁ ଭାବୁଥିଲି । ସେଥିପାଇଁ ସାଧାରଣ ଘରୋଇ ଭାଷାରେ ଏହାକୁ ଲେଖିଛି । ଘରୋଇ ଭାଷାରେ ଚଳୁଥିବା ଶବ୍ଦର ସଂଖ୍ୟା ଏବେ ମଧ୍ୟ ବଡ଼ ଅଳ୍ପ । ସେ ଅଳ୍ପତା ବ୍ୟବହାରର ପ୍ରାସଂଗିକ ମାଧୁର୍ଯ୍ୟରେ କେପରି ଆଚ୍ଛାଦିତ ହୋଇପାରୁଛି, ତାହା ପାଠକମାନେ ଦେଖିବେ । ମୋର ସେଥିରେ କହିବାର୍ କିଛି ନାଇ ।

ସ୍ତ୍ରୀର ସତୀତ୍ୱ-ଆଦର୍ଶ ନେଇ ଏ ଦେଶରେ ବହୁତ ଲେଖା-ଯାଇଛି ଓ ଯିବ । ପୃଥିବୀର ସଭ୍ୟ ସାଧାରଣଙ୍କର ଏହାହିଁ ଏବେ ମଧ୍ୟ ଆଦର୍ଶ ଅଛି । ମାତ୍ର ଏ କାବ୍ୟରେ ନାରୀର ସ୍ୱଭାବ ସୁଂଦର ସତୀତ୍ୱ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତିସାଧନ ସାହିତ୍ୟ-ରାଜ୍ୟରେ ଗୋଟିଏ ନୂତନ ଜିନିଷ । ଏ ଜିନିଷ ମଧ୍ୟ ମୋର ଏ କାବ୍ୟ ପ୍ରତି ଆଦର ବଢ଼ାଇଥିଲା—ଏ କଥା କହି ରଖିବା ଉଚିତ ମନେ କରେଁ ।

ସତ୍ୟବାଦୀ
୨୫-୯-୧୯୨୩ } ନୀଳକଂଠ ଦାସ

# ଦାସ ନାୟକ

## ପ୍ରଥମ ସର୍ଗ

### ( ୧ )

ସମୁଦ୍ର କନାରେ ପାହାଡ଼ର ମାଳା
ସାନ ସାନ ଦୁଇ ନାସି ଛନ୍ତିଁ,
ଭେଦନ୍ତି ସାଗର, ଦୁହିଂକ ଭିତରେ
ଧଣେ ବାଲିଖଂଡ ଦାଉ ଦାଉ ।

ମେଲ୍ଲାଇ ସେ ବାଲି- ସିଂଧୁ କୂଳଯାଏ
ସେହି ନାସି ଖୋଲେ ଧାଡ଼ି ଧର,
ନାଲି ନାଲି ଫୁଲ ଗିର ଅଧ ଯାଏ
ବୁଦା ଗହଳରେ ହୁଏ ବାର ।

ସିଂଧୁଫେଣ ଯେନ ସାଗର ପବନ
ଲହରେ ହସାଏ ସେ ବସନ୍ତ ।
ସାନ ସାନ ତରୀ ଭାସଇ ସାଗରେ
ଅଳପେ ଫୁଲାଇ ପାଲ ଗୁଡ଼ ।

ଅଳପ ଜଂଗଲ ସେ ନାସି ଉପରେ;
ଚଢ଼ିଲେ ଦିଶଇ ଘୋର ବନ,
ବସଂତେ ଚହଟେ କେତେ ଫୁଲବାସ
ଗ୍ରୀଷ୍ମେ ପାଚଇ ଫଳମାନ ।

କେତେ ସେ ନୋଳିଆ, ସୁବା ସଉବମା
ବାଳକ ବାଳକା, କ ପୁଲକେ
ଖେଳଂତି ପୁଳିନେ ! ବେଳେବେଳେ ପୁଣି
ଉଠୁଥାଂତି ଗିର ମନସୁଖେ ।

ଫୁଲ ତୋଳି ତୋଳି କୋଳି ଖାଉଥାଂତି
ସେ ନାସି ଉପରେ ବନସାରା,
ବଇଶାଖ ମାସେ କୋଳି ତୋଳିବାରେ
ସେ ନାସିରେ କେତେ ହୁଏ ମେଳା ।

ଗ୍ରାମ ବେହେରାଂକ ପୁଅ ଲଇଖଣ
ଏକା ସେହୁ, ତାର ମାଆ ନାହିଁ;
ଦାସ ବୋଲି ପୁଣି ଦୁଃଖୀ ପିଲାଟିଏ;
ବାପ ମାଆ ତାର ନାହିଁ କେହି ।

ଝିଅଟିଏ ପୁଣି, ମେଲି ତାର ନାମ,
ତନୋଟି ସେ ପିଲା ସାଂଗ ସୁଖ;
ପାଣିକୂଳେ ଆସି କେଡ଼େ ଖୁସି ହୋଇ
ଖେଳୁଥାଂତି କେବେ ବନଯାକ ।

କେତେ ସେ ପୋଡ଼ୁଅ, ବଡ଼ ନାଆ କେତେ
ଝଣା ହୋଇ କୂଳେ ପଡ଼ିଥାଇ,
ଭିତରେ ତାହାର ବାଲିଘର କରି
ଖେଳୁଥାଂନ୍ତି ଭଜ ସାଂଗ ତହିଁ ।

କେତେ ବାଲିଘର ଲହଣି ଆସିଣ
ଥରି ଥରି କରି ଧୋଇନଏ,
କେବେ କଂକଡ଼ାର ପଛେ ପଛେ ଧାଇଁ
ଗାତ ଖୋଳୁଥାଂନ୍ତି ସେ ଜନହେଁ ।

ଛୁଂଡ଼ା ଜାଲି ପାଲି ଦଉଡ଼ି ଭିତରେ
ଖେଳୁଥାଂନ୍ତି କେବେ ଲୁଚକାଳି;
ଫେଣ ଲହରୀର ପଛେ ପଛେ ଧାଇଁ,
କେତେ ବୋଳି ହେଉଥାଂନ୍ତି ବାଲି ।

ଶରେ କି ଦୁଇଶ, ବର୍ଷର ଏ କଥା
ହେବ, ସେତେବେଳେ ତୋ ଗ୍ରାମ ନେ
ନୂଆ ହୋଇ ଆସି, ସେ ଗ୍ରାମଲୋକଂକୁ
ରଖିଥାଂନ୍ତି କେତେ ସଜମାନେ ।

ଜାହାଜକୁ କେତେ ବୋଇତ ଚଳାଇ
ଯାଉଥାଂନ୍ତି ଦଳେ ଦଳେ ଲୋକ,
ପାଠଶାଳା କରି, ପରଦେଶ କଥା
ଶିଖୁଥାଂନ୍ତି ଗ୍ରାମ ପିଲାଯାକ ।

ଟିପା କାଠି ଧରି, ସମୁଦ୍ର ଭିତରେ
ମାଛ ଧରି ଯାଉଥାଂନ୍ତି ଥେ କେ;
ବାଲି ଖେଳ କରି, ଏ ସବୁ ଖେଳଂନ୍ତି
ଭଜ ସାଂଗଯାକ କେତେ ସୁଖେ;

ସେହି କୂଳେ ପୁଣି ପଥରର ଖୋଲି
ଲଂବ ପାଇଥିଲା ନାସିଚଳେ;
ଚଣି କେବେ ତହିଁ; ଘର ବୋଲି କହି,
ଭଜ ପିଲାଯାକ ଖେଳୁଥିଲେ ।

ଦାସ ହୁଏ ଆଜ ଗିରସ୍ତ ସେ ଘରେ,
ଲଇଖଣ ହୁଏ ଆରଦନ;
ବୋହୂ ପରି ମେଲା ବାଲି ଗୋଡ଼ି ଘେନ,
ରାଂଧିବାଡ଼େ ଦେଉଥାଏ ମନ ।

ଦନ ପରେ ଦନ ପୁଣି ଆର ଦନ
ଦାସ କେବେ କେବେ ହୁଏ ବର;
କହେ, "ମୋର ଘର, ମେଲା ମୋ ଭାରିଯା"
ଲଇଖଣ ହୁଏ ହରବର ।

ଥରକୁ ଥର ସେ ବର ହେବ ବୋଲି
ଆସୁଥାଏ, ଦାସ ଦଏ ତଡ଼ି;
ବଳୁଆ ସେ ଦାସ, ଚଢ଼ିଦେଇ ତାକୁ
'ମୋର ଘର' ବୋଲି ବସେ ମାଡ଼ି ।

କେତେ କଳି କରି, ନ ପାରି ଲକ୍ଷଣ,
ଗାଳିଦଏ ତାକୁ କୋରଧରେ,
କାଂଦି କାଂଦି କହେ, "ଆଉ କେବେ ଦାସ
ସାଂଗ ହେବି ନାହିଁ ତୋର ଲୁଲେ ।"

ଟିକି ମେଲାଟି ସେ ଛଳଛଳ ଆଖି
କରି, କହେ, "କିଆଁ କଳି କର ?
ଦୁହିଂକର ମୁହିଁ ଟିକବୋହୂ ହେବି,
ଦୁହେଁଯାକ ତୁମେ ମୋର ବର ।"

( ୨ )

ବଢିଲେ ଏସନେ ସୋହାଗ ବାଳୁତ,
ବୟସର ଦନ ହେଲା ଆସି;
ଦାସ, ଲଇଖଣ ଦୁହିଂକର ମନ
ମେଲାକୁ ଗ୍ରହିଁଲେ ପାଏ ଲସି ।

ହୁଣ୍ଡାଙ୍କୁ ଷୁହିଁଲେ, ସଢ଼ଯାଏ ମେଲ୍ଲ,
ଛୁଇଁଲେ ଯେସନେ ଲଜକୁଳୀ,
ପ୍ରଶ୍ନିଲେ କେବେ କଥା ପଦେ କହେ,
କେବେ ମୁଂଡ ପୋତି ଯାଏ ଷୁଲି ।

ଚକ୍ଷୁସଷ ହେଲେ, ଅଣ ଜଗେ ଘ୍ରଷ୍ଟ;
କଏ ସେ କହିବ, କାହିଁପାଇଁ ?
ଭିତରେ ଭିତରେ କବା ହୋଇଯାଏ !
ପଦେ ହେଲେ ମୁହେଁ କଥା ନାହିଁ ।

ଦାସ ବେଳେବେଳେ ଏକୁଟିଆ ଦେଖି,
କବା ପଦେ କହି ଦଏ ହସି ।
ବଣ୍ହାସେ ମେଲ୍ଲ ଦର ଷୁହାଣିରେ
ଲଜେ ଭୟେ କବା ଯାଏ ଦଶି !

ଲକ୍ଷଣ ଦେଖିଲେ, ହସିଦଏ ଖାଲି,
କହିବାକୁ ମୁଖେ ନାହିଁ କଥା !
ମନେ ମେଲ୍ଲ ତାକୁ କରଇ ଆଦର,
ଦାସକୁ ଷୁହିଁଲେ ପୋତେ ମଥା !

ଦାସକୁ ଷୁହିଁଲେ ଏ କି ନୂଆ କଥା ?
ନ ଜାଣଇ ମେଲ୍ଲ ନିଜ ମନ,
ମନେ ମନେ ଦାସ କବା ଭାଳି ଭାଳି
ବସ୍ତ୍ରାଳି, ଅଭଜନ ଧନ,

ଆପଣାର କରି ପାଲଟେକା ତଣ୍ଟ
ଜଣି, ହେବ ମନ ବେଉସାରେ;
ଘର କରି, ଦନେ, କେତେ ସୁଖେ ଆହା
ରଖିବ ମେଲ୍ଲକୁ ସେହି ଘରେ ।

ସେହି ଦନୁଁ ତାର ପାଣି ହେଲା ଘର;
ମାଛ ମାଡ଼ିବାରେ ଅଗେ ସେହି;
ସମୁଦ୍ରେ କେହି, ପଡ଼ିଗଲେ ତହିଁ
ଦାସ ଥିଲେ, ଆଉ ଡର ନାହିଁ ।

ଜାହାଜରେ ଦାସ ଯାଇ; ଦେଶେ ଦେଶେ
ବରଷକେ ବୁଲି ଆସି ପୁଣି;
ବଡ଼ କାଟେଗର ହେଲା, ନୋଳଆଏ
ପରଶଂସା ତାର ହେଲେ ଶୁଣି ।

ତା ପରି ଚଳାକ, ସାହସୀ ବଳୁଆ,
ନାହିଁ କେହି ଆଉ ଗ୍ରାମଯାକ;
'ତା ସମାନ କଏ କରିବ ବେଉସା ?'
ବୋଲି କହୁଥିଲେ ସେଠା ଲୋକ ।

କେତେ ରୋଜଗାର କରୁଥାଏ ଦାସ
ସଂଚୁଥାଏ ସବୁ କି ଯତନେ ?
କୋଡ଼ି ପୂରି, ତାକୁ ଏକୋଇଶ ଏବେ,
ପାଲଟେକା ନାଆ ସେହୁ କଣେ ।

ନାସି ଉପରକୁ ଗ୍ରାମ ମୁଂଡ଼ ଆଡେ
ଘରଟିଏ କଲା କି ଯତନ ।
ମେଲ୍ଲ ଆସି ସତେ ରହିବ କି ଏଥି ?
ବୋଲି ମନ ତାର ଛନଛନ ।

(୩)

ଗଲା କେତେଦନ ଏସନେ, ଆସିଲା
ମଧୁଶେଷେ ମାସ ବଇଶାଖ;
ଫୁଲ ଫଳ ଭରା ବନସ୍ତେ ମାତିଲେ
କେତେରଂଗେ ସେହୁ ଗ୍ରାମଯାକ ।

ଶେଷ ଦନ ଆଜ, ପରବ ସଂଗରେ
ସମସ୍ତେ ପଶିବେ ସେ ବନସ୍ତେ,
ସାତଯାଏ ରହି, ଫଳଫୁଲ ତୋଳି
ଉତ୍ସବ କରିବେ କେତେମଂତେ !

ସ୍କୁଲ ଗଡ଼ିଗଲା, ବେଳ ଆସି ହେଲା,
ପିଲାଯାକ ହେଲେ ଡକାଡକି;
ଯୁବାପଣିଆ ସମସ୍ତେ ଗଲେ;
ମାଆ ବାପ କେତେ ଗଲେ ଦେଖି ।

ପେଣ୍ଡୁଲୁଗା ପିନ୍ଧି, ମୁଂଡ ପୋଛି ପୋଛି,
ଗଲା ସେ ମେଲା ସାଂଗମେଳେ;
ସାଂଗ ଗୁଡ଼ି, କବା ଖାଳି ଖାଳି, ଦାସ
ଯାଉଥାଏ ପଛେ କିଛି ଦୂରେ ।

କେତେ ଅଳି କରି ପଛେ ଫେରି ଫେରି,
ଯାଉଥାଏ ମେଲା ଗୁହିଁ ଗୁହିଁ;
'ପାଦେ କଂଠା' ବୋଲି ସାଂଗ ଗୁଡ଼ି କେବେ
ଅଳପ ପଛକୁ ଯାଏ ରହି ।

ଛଟକ ଗୁହାଣି ଦରହାସ ଦେଖି,
ଦାସ ଆସି ପାଖେ ଯାଏ ମିଳି;
ନ ଜାଣିଲା ପରି କଥା କହି, ମେଲା
ବାହାନା ଦେଖାଏ କେତେପରି ।

ଥରେ ପାଦେ କଂଠା ବଡ଼ ଦାଉ କଲା
ଯେତେ ଉଠାଇଲେ ନ ବାହାରେ,
ମୁହିଁ ପୋଛି, କେତେ ପାଦେ ହାତ ଦେଇ,
ଗୁହେଁ ମେଲା ଦାସେ ଥରେ ଥରେ ।

ଆଉ ସେତ୍ତ ଦାସ, ନ ଜାଣିଲା ପରି
ଯାଇ, ମେଲା ପାଖେ ମିଳିଗଲା;
ହାତ ଦେଲାଷଣି କାହିଁଗଲା କଂଠା !
ଗଲେ ସଂଗତେ ଦାସ ମେଲା ।

ଆଗେ ଯାଇଛନ୍ତି ଗ୍ରାମଯାକ ଲୋକ,
ପଛରେ ତ ଆଉ ନାହିଁ କେହି,
ଲଇଖଣ କିପାଁ ପଛେ ଏତେ ଦୂରେ
ରହିଯାଏ, କବା ଗୁହିଁ ଗୁହିଁ ?

ମରମେ ତାହାର କ ହେଉଛି ଏବେ ?
ବସିଗଲା ସେତ୍ତ ଅକ୍କା ମାରି;
କି ପିୟାସ ତାର ସାରା ଜୀବନକୁ
ରହିଗଲା ବୁକେ ଦକ୍କା ପରି ?

ଆହା ବାଲିପାଟେ ପାଣି ପରି ଯେବେ
ଖରାରେ ଝଲକ, ଦିଶେ ଦୂରେ,
ଧାଇଁ ଧାଇଁ ମୃଗ, ନିରାଶେ ଯେସନ
ପଡ଼ିଯାଏ ଶୋକ ବିକଳରେ;

ତେସନ କି ଶୋଷେ ପଡ଼ିଛି ଲଇଖଣ;
ମରମ ତାହାର ଜାଣିବ କେ ?
କି ଶୋଷରେ ଧାଇଁ, କପାଇଁ ନିରାଶ ?
କେହି ନ ଜାଣିଲେ ଗ୍ରାମଲୋକେ ।

ଜୀବନକୁ ତାର ନିରାଶାର ଜଳେ
ବୁଡ଼ି, ଆଶାଲତା ଗଲା ରହି;
କେତେ କାଳେ ଚହୁଁ ଦଇବ ବଣରେ
ବାଧାଂକୁ ହରାଇ ଏକା ସେହି ।

କେତେଦିନେ ଗ୍ରାମେ ବାଇଦ ବାଜିଲା
ମେଲା ଦାସଂକର ବିଭାଘରେ;
ପିଲାଦିନ ସାଂଗ ଲଇଖଣ ଭିକି
ମାତିଥାଏ କେତେ ଉତ୍ସବରେ ।

ଲୋକ ଖାଉଥାଂନ୍ତି ଗ୍ରାମ ଲୋକଯାକ,
ତଦାରଖ କରଇ ଲଇଖଣ,
ସମସ୍ତେ ସେ ଦିନ କେତେ କହି ହେଲେ
ଲଇଖଣର ଏ ଭଲପଣ ।

ସେହିଦିନୁ ଆଉ ଲଖଣର ଦେଖି
ମେଲା ଦାସ ପାଖେ ନାହିଁ ଦେଖା;
କେତେହେବ ପୁଅ ସେ; କିପାଁ ମେଲା ଦାସ
ମନେ ବା କରିବେ ତାହା ଲେଖା ?

ମେଲ୍ଲ ଦାସଂକର ଭାସ-ନୂଆଘରେ
ଆନଂଦେ କଟିଲା କେତେ କାଳ;
ଦୁହେଁ ଆନଂଦରେ କରୁଥାଂନ୍ତି କାମ,
ନିଜ ଅରଜନେ କରି ବଳ ।

ଗୃହୁଁ କେତେ ଦିନେ ମେଲ୍ଲ କୋଳେ ଆସି
ଦେଖାଦେଲା ନୂଆ ଝିଅଟିଏ;
ଅଂଧାର ଘର ସେ ଆଲୁଅ ହେଲା କି ?
ଦାସର ଆନଂଦ କହେ କିଏ ?

ସେଥି ଦିନୁ ଦାସ ପ୍ରାଣପଣ କରି,
ଅରଜିଲା ଧନ ହେଲା ସଂଚ;
ଆପଣା ପିଲାଂକୁ ଧନ ଖର୍ଚ୍ଚ କରି
ମଣିଷ କରିବ, ମନେ ପାଂଚ ।

ଏ ଭିଟ୍ଟାର ପୁଣି ଟାଣ କରିବାକୁ
ଯୋଡ଼ିଏ ବରଷ ଚହୁଁ ଗୁଡ଼ି,
ଜଗନ୍ନାଥେ ଦେଲେ ବାଳକ ମେଲ୍ଲାକୁ,
ଦେଖି ଦାସ-ମନ ଯାଏ ପୂରି ।

ଦିନକୁ ଦିନ ସେ ପ୍ରାଣପଣ କରି,
ବେଉସାରେ ଚହୁଁ ଦେଲା ମନ,
ନଉକା ଚଳାଇ ଯାଏ ସେ ସାଗରେ
ଝଡ଼ ବରଷାରେ ନୁହେ ଧ୍ୟାନ ।

ସେଥି ନାସି ଖୋଲ ନୋଳିଆ ଗାଆଁଟି
ସହର ହେଲାଣି ଆସି କ୍ରମେ
କେତେ ସେ ଜାହାଜ ଲାଗୁଛି କନାରେ,
ବଡ଼ ବଡ଼ ଘର ଶୋହେ ଗ୍ରାମେ ।

ବଡ଼ ଜାହାଜରେ ଆକଟ ପଡ଼ିଲେ
ଦାସକୁ ହକସ ଆସେ ଏବେ,
ଆପେ ଉଠି ଦାସ ପାଲ ବାନ୍ଧିଦଏ
ନ ଡରି ବରଷା ଝଡ଼ କେବେ ।

ଜାହାଜଆମାନେ ଆଦର କରନ୍ତି
ସମୁଦ୍ରରେ କେବେ ରହେ ଦାସ;
ପିଲା ଦିଓଟିଂକୁ ଧରି ସେଥୁ ମେଲ୍ଲା
ଗୃହେଁ ଗୃହଯାକ କରି ଆଶ ।

ଦିନେ ଏହିପରି ଗୃହିଁ ଗୃହିଁ ମେଲ୍ଲା,
ଦେଖିଲା ସକାଳୁ, କେତେ ଲୋକ
କରିଆଣି ଦାସେ ରଖିଦେଲେ ଘରେ,
କି କରିବ ମେଲ୍ଲା କରି ଶୋକ ।

ଘନ ଝଡ଼ ବେଳେ ଜାହାଜରୁ ପାଲ
ଉପରୁ ଉପରୁ ଖସି ପଡ଼ି,
ଭାଂଗି ଯାଇଅଛି ଡାହାଣ ଗୋଡ଼ଟି,
ଦାସ ଦିଶୁଅଛି ହତଶିରି ।

କାଂଦିଲା ସେ ମେଲ୍ଲା, କାଂଦିଲା ଝିଅଟି,
କାଂଦିପକାଇଲା କୋଳେ ପୁଅ;
କି ବୁଝଂନ୍ତି ସେଥୁ ବାଳକ ବାଳିକା ?
ମାଆକୁ ଦେଖି ସେ କଲେ କୋହ ।

ଦିନୁଦିନ ଏବେ ବିତିଗଲା କାଳ;
ପଡ଼ିଥାଏ ଦାସ ରୋଗ-ଶେଯେ;
ସଂଚିଥିଲା ଯାହା, ସରିଲାଣି ଆସି
ପିଲାଂକୁ ଗୃହିଁଲେ ବୁଦ୍ଧି ହଜେ ।

ପେଟପୂରି କରି ନ ଖାଇ, ସେ ମେଲ୍ଲା
ରୋଗ-ଶେଯ ପାଖେ ଥାଏ ବସି;
ଘଳି ଘଳି କେତେ ପକାଏ ନିଶ୍ୱାସ;
ପିଲାଂକୁ ଗୃହିଁଲେ ଦିଏ ହସି ।

କେତେକାଳେ ଦାସ ଅଳପେ ଅଳପେ
ବଳ ପାଇ, ବାହାରିଲା ବୁଲି;
କାମ ପାଇଁ ଆଣ୍ଠି ବୁଲାଇ ବୁଲାଇ,
ଫେରି ଆସୁଥାଏ ମନ ମାରି ।

ଏତିକ ବେଳକୁ ସୁଅ ଫିରିଂଙ୍କର
ଘାଇଟିଏ ପୁଣି ଦେଲେ ପ୍ରଭୁ;
ବାପ ମାଆଙ୍କର ଏ ଦଶା ବେଳକୁ
ନଡ଼ ଭୋଗରେ ପଡ଼ୁଥାଏ ସେହୁ ।

ପିଲା ମାଇପଙ୍କ ଦେଖିଣ ଏ ଦଶା,
ଡାକୁଥାଏ ଦାସ ଜଗନ୍ନାଥେ —
"ନ କର ଏମାନଙ୍କୁ ଦାଣ୍ଡର ଭିଖାରି"
ବୋଲି କହେ କେତେ ପ୍ରଣିପାତେ ।

ଏମନ୍ତ ଭାଳେଣି କରୁ କରୁ, ଦିନେ
ଆସିଲା ଖବର ଦେଇ ଜଣେ —
'ଅମୁକ ଜାହାଜ ଚୀନଦେଶେ ଯିବ;
ନେବେ ସେ ତୁମକୁ ସନମାନେ ।

ଝଡ଼ ବଡ଼ତିରେ ହେବ ସାହା ତୁମେ,
ଖଲାସି ଭିତରେ ସରଦାର;
ବରଷକେ ହେହୁ ଜାହାଜ ଫେରିବ,
ଅଛୁ କି ନାହିଁ ହେ ରାଜିକାର ?'

ଲାଗିଲା ଦାସକୁ, ଜଗନ୍ନାଥେ କି ସେ
ଶୁଣି ଲା ଡାକଲ ତାକ ସତେ !
କହୁ ନ ବହୁଣ, ସଂଗେ ସଂଗେ ସେହୁ
ହେଲା ରାଜିକାର ସବୁମଙ୍କରେ ।

କଷ୍ଟଲା ବେଳର ଉଲ୍ଲାସ ତା ମନେ
ମଉଳିଲା ଏବେ ଶୁଖି ଶୁଖି,
ବରଷାର ମେଘ ଖଣ୍ଡା ଫଟେଇ ଫଟେଇ
ମାଡ଼ିଗଲା ଏବେ ଆସି କାହୁଁ ?

'ବରଷେ ତ ଦୂରେ ଭୁଲିଯିବ ସେହୁ,
ମ ଇପ ପିଲାଏ କି କରିବେ ?'
ଏସନ ଭାଳେଣି କରି କରି, ଶେଷେ ।
କଥାଏ ପାଞ୍ଚିଲା ବସି ଏବେ—

'ବଳ ହେବ ନାଆ' ସରେ ମୁଁ କେସନ
କରିବ ଏସନ କର୍ମ ଆଜ !
ଜୀବନ ସେ ମୋର, କେତେ ଝଡ଼ଝଞ୍ଜା
ସୁହାଇଛି ତହିଁ ପାଲ ସାଜ !

ତାକୁ କଣି ପରା 'ମେଲକୁ ପାଇବି'
କରିଥିଲି ମୁହିଁ ମନେ ଆଶ !
ସେହି ନଉକାକୁ ଛାଡ଼ିବି ମୁଁ ଆଜ !
ଜଗନ୍ନାଥେ ମୋତେ କଲ କସ ?'

ବହୁତ ବହୁତ ପାଞ୍ଚିଲା ଶେଷକୁ
'ବଡ଼ ଜାହାଜରେ କାମ କରି,
ଥରେ, ଦୁଇଥର, ତିନଥର ଯେବେ
ଯିବ ଦୂରଦେଶେ ଏହିପରି,

ଧନ ହେବ ମୋର; ଆଉ କି ଭାବୁର
ଥିବ ସେତେବେଳେ ନାଆ ପାଇଁ ?
ତେବେ କପାଁ ମୁହିଁ କରୁଛି ଭାଳେଣି
ପ୍ରଭୁ ଯାହା କରୁଛନ୍ତି, ତହିଁ ?

ନଉକାଟି ବଳ ସେ ଟଂକା ଲଗାଇ,
କିଣିଦେବ ସବୁ ସରଂଜାମ;
ମେଲା ଯେବେ ତହିଁ କରିବ ବେଉପା,
ସବୁ ଚଳାଇବ ସେ ଦୋକାନ ।

ଆସିଲେ ମୁଁ ତହୁଁ ଅରଜିଣ ଧନ,
କିଣିବ ଗୋଟିଏ ବଡ଼ ଡଙ୍ଗା,
ବେଉସାରେ ଧନ ବଢ଼ିଯିବ ମୋର,
ରହିବ ମୁଁ ସୁଖେ ଘର କରି ।'

ଭାଳଣା ଏସନ, ଉଜଳ ଦିଶିଲା
ବେଗା ମୁହଁ ତାର, କି ଉଲ୍ଲାସେ ।
ନୂଆ ପିଲାଟିକ କୋଳେ ଧରି, ମେଲା
ଆସି, ଦୁହୁ ଏହା ଦେଖି, ହସେ ।

ସେହ୍ନ ହରଷେ ସେ  ବେଗା ଟିଲ୍‌ଟିକ
ଦେଲା ଆଣି ଧୀରେ ଦାସ କୋଳେ;
ଖେଳ କରି ଦାସ,  ଖେଳାଇ ଖେଳାଇ,
ଭୁଲିଗଲା ସବୁ ସ୍ନେହକୋଳେ ।

ଥରେ ଥରେ ଶୁଣି  ମେଲାକୁ ବାପୁରେ
'କହିବ ସେ ସବୁ କଥାମାନ',
ବାପୁରେ 'କହିବ',  ପୁଣି କାହିଁ ପାଇଁ
କହିବାକୁ କେବେ ନୁହେ ମନ !

ବଢିଲା ସେ ଦିନ,  ଆଉ ଦିନ ତାକୁ
ମେଲାକୁ ବୁଝାଇ ସବୁ କହେ;
ଶୁଣି, ମେଲା ମୁହଁ  ଝାଉଁଳି ପଡ଼ଇ;
ଫୁଟେଲ କି ଗ୍ରୀଷମ ଝାଂଜି ବହେ !

ବାପାକାକୁ ମେଲା  ଏ ହାତ ବରଷ
ଦାସ କଥା ଦିନେ ଭାଂଗି ନାହିଁ;
'କି କହି ଭାଂଗିବ  କଥା' ବୋଲି ଭେବେ
ଆଜ ଘାଂଟି ହୁଏ କାହିଁପାଇଁ ?

ଶୁଣୁ ଶୁଣୁ କପାଁ  ଲଟିଲା ମେଲାକୁ,
ଶୁଭ ଏଥି କେବେ ନ ହୋଇବ;
ଦାସ ସଂଗେ କେବେ  ଯୁକତି ତ ସେହ୍ନ
କରି ନାହିଁ ଆଜ କି କହିବ ?

କାଂଦି କାଂଦି କେତେ  ପିଲାଂକୁ ଦେଖାଇ,
ମିନତି କରି ସେ କଲା ମନା;
ସେହ୍ନ ମେଲା, ସେହ୍ନ  ପିଲାଂକୁ ଅନାଇ,
ଦାସର ସେ କଥା ନୁହେ ସେନା ।

ସେ କାଂଦ, ମିନତି  ଦେଖି ଶୁଣି ଦାସ,
ମନେ ମନେ କୋଟେ ହେଲା ଘାରି;
ଘାରି ସିନା ହେଲା !  ଆପଣା ବସ୍ଥର
ନ ଟାଳି ରହିଲା କାଠପରି ।

ଚୀନ ଦେଶ ଆଡ଼େ  ଜାହାଜ ଯିବାକୁ
ମାସେ ଖଂଟେ ଆଉ ଥାଏ ବାକ;
ତରତର ହୋଇ,  ଦାସ ଆପଣାର
ସୋହାଗ ନାଅଟି ଦେଲା ବିକି ।

ସେହ୍ନ ଧନ ଦେଇ,  ଦୋକାନ ଟାଣିକି
କେତେ-କେତେମଂଟେ ଦରବ ସେ
କିଣି ଅଣି, ଆପେ  ଲହଣି ମୁତ୍ୟର
ଧରି, ଦାଂଡ ଘର ସାଜ ବସେ ।

ଦୁଆର କାଢ଼ି ସେ  ଦୋକାନର ପଟା
ସଜାଡ଼ି ସଜାଡ଼ି, ଲଗାଇଲା;
କଲା ଥାକମାନ,  କୁଂଡ, ଚଉକ, ସେ
ଯତନେ ନ କରି ଲବେ ହେଲା ।

ସାନ ଘରଟିରେ  ଦିନ ଟାକ ପୁଣି
ଅଧରାତି ଯାଏ ଲାଗିଛି,
ବଡଦେଶେ ଯିବାର  ଦିନ ଯାଏ ଦାସ
ଲାଗିଥାଏ ହାତଆର ଧରି ।

ମେଲା ପାଇଁ ସବୁ,  ମେଲାର ସେ କାମ
ଦେଖି, ଗୁଣି ଯାଉଥାଏ ଫାଟି;
ସତେ ଅବା ତାହା  ଗୁଣିରେ ଲହଣି
ବସି ଯାଉଥାଏ ଦିନରାତି !

ଯିବା ତଳଦିନ  ଅଧ ରାତି ଯାଏ
କାମ କରି ସାରି, ଥକ୍‌କା ହୋଇ,
ଶୋଇସାରି ସୁଖେ,  ସକାଳୁ ଉଠେ ସେ
ସଜାଡ଼ି ହୋଇଲା ଯିବା ପାଇଁ ।

ଶୁଖିଲା ମୁହଁଟି  ମେଲାର ଦେଖିଲେ
ଘାଂଟି ହେଉଥାଏ ମନ ତାର;
ହସ ପୁଣି ମାଡ଼େ,  ଭାଳଇ ସେ ହେଲେ
ମେଲାକୁ ଏଥିରେ ମାଡ଼େ ଡର ।

କହେ, "ଜଗନ୍ନାଥ   କରିବେ ମଂଗଳ
ସମୁଦ୍ରେ ଜାହାଜ ଯିବ ସୁଖେ;
କାଲି ପରି ଦିନା   ଫେରି ମୁଁ ଆସିବି
କେତେ ଧନ ଘେନି ବରଷକେ ।

ଜଗନ୍ନାଥେ ତୋର   ସାହା ହେବେ, ମେଲା;
ପିଲାଂକର କଷ୍ଟ ହେବ ନାହିଁ;
ସୁଖ ବେଳେ ତେବେ   ମୁହଁକୁ ଶୁଖାଇ
ଏତେ ଦୁଃଖ କର କାହିଁପାଇଁ ?"

ଏତେ କହିସାରି   ଟିକି ପିଲାଟିକି
କୋଳେ ଧରି, ଗେଲ କରି କେତେ,
କହିଲା, "ଏହାକୁ   ଦେବେ ଜଗନ୍ନାଥେ
ବହୁତ ଆୟୁଷ, ଗୁଣ ସେତେ ।

ଆସିଲେ ମୁଁ କେତେ   ବିଦେଶ ଦରବ
ଦେଉଥିବ ହସହସ ହୋଇ;
ବିଦେଶର କଥା   କହିବି ମୁଁ କେତେ;
ନ ବୁଝି, ବୁଝିବ ମତେ ଚାହିଁ !

କୋଳେ ଧଇଲେ ମୁଁ,   ହସି ହସି ଧନ
ଯାଉଥିବ ମେଲା ତୋହ ପାଶେ;
ବରସ ନ ହୋଇ,   ଦିଅ ମୋତେ ଏବେ
ସରସେ ବିଦାୟ ସେ ବିଦେଶେ ।

ସୁଦଂର ପବନେ   ଚାଲିବ ଜାହାଜ,
ଜଗନ୍ନାଥେ ମୋତେ ହେବେ ସାହା,
ଝଡ଼ ପବନରେ   ସମୁଦ୍ର ଭିତରେ
ସାହା ମୋର ସେହି ଚଉବାହା ।"

ଏହିପରି କେତେ   ବୁଝାଇ ସୁଝାଇ,
କହିଲା ମେଲାକୁ ସେହୁ ଦାସ,
ପିଲାଟେଲ ଦେଖି   ହସି ଆସୁଥିଲା,
ଝଡ଼ କଥା ଶୁଣି, ସେ ଉଦାସ !

ସେହି ଉଦାସରେ   ଠିଆ ହୋଇ ହୋଇ
ଶେଷକୁ କହିଲା କାଂଦି ମେଲା,
"ସବୁ ଜାଣ ତୁଂଭେ   ମୋ ପରାଣଧନ,
କପାଁ ଏଥି ତୁଂଭ ମନ ହେଲା ?

ଲାଗୁଛି ତ ମୋତେ,   ଏ ବିଦେଶେ ଯାଇ,
ହେବ ନାହିଁ କେବେ ଭଲ ଫଳ ।
ବଳାଇ ବଳାଇ,   କପାଁ ଏତେ କରି
କହୁଛ ଆଜ ଏ କ କଥାଳ ।

ନ ଦେଖିବି ଆଉ   ଏ ମୁହଁ ତୁଂଭର
ଏ ଜୀବନେ, ଏତେ ମନେ ରଖ ।"
ହସି କହେ ଦାସ,   "ତୁଂଭେ ନ ଦେଖିଲେ,
ଦେଖିବି ମୁଁ ଆସି ତୁଂଭ ମୁଖ ।

ଯିବା ଦିନ ଆଜ;   ନ ହୁଅ ବିରସ,
ଭୟରେ ନ ହୁଅ ଏତେ ସର,
ହରସେ ଉଠିବ   ଜାହାଜେ ମୁଁ ଯେବେ
ଦେଖି ତୁଂଭ ମନ ଯିବ ଭଳ ।

ଜଗନ୍ନାଥେ ପୁଣି   ଅଛଂନ୍ତି ସବୁଠି,
ମନେ ରଖିଥିବ ସବୁବେଳେ,
ସବୁ ଭୟ ଦକା   ତାଂକରି ଉପରେ
ଫିଂଗି ଦେଇ ରହ ସୁଖେ ଘରେ ।

ଦିନ ରାତ ଯେଉଁ   ଦେବତା କରଂନ୍ତି
ଉଠଂନ୍ତି ସେ ପରା ସେହି ଦିଗେ,
ସେହି ଚୀନଦେଶେ   ତାଂକରି ପାଖରେ
ଯାଉଅଛି ବୋଲି ମତେ ଲାଗେ !

ତାଂକରି ତ ଆଂଭେ,   ସମୁଦ୍ର ତାଂକର
ସବୁ କରଛଂନ୍ତି ସେହି ପ୍ରଭୁ;
ଯହିଁ ଥିଲେ ମେଲା,   ବିପଦେ ଆପଦେ
ସମସ୍ତଂକୁ ରଖିଥିବେ ସେହୁ ।"

କହି ଏତେ ଦାସ, କୁଂଢାଇ ମେଲାକୁ,
ଆଦରରେ ଚୁଂବିଲା ତାର ମୁଖେ,
ପିଲା ଦୁଇଟିଂକୁ କେତେ ସେ କହିଲା
ବୁଝାଇ ତାହାଂକୁ ଏକେ ଏକେ ।

କି ବୁଝିଂଲି ସେହୁ ଉଟମଟ କରି
ଅନାଇ ରହିଲେ ବାପା ମୁଖେ;
ସାନ ପିଲାଟିର ଜର ଛାଡ଼ିଥିଲା,
ଦୋଳିରେ ସେ ଶୋଇଥିଲା ସୁଖେ ।

ଜଗାଇବା ପାଇଁ ଯାଉଥିଲା ମେଲା,
ମନା କରି ଦାସ ଗଲା ତହିଁ,
'ଥିବ କି ତା ମନେ ?' ବୋଲି କହେ ଦାସ
ଦୋଳିରେ ତାହାକୁ ଚୁଂବ ଦେଇ ।

ଦେହରୁ ତାହାର ତେଜରିଆ କାଢ଼ି,
ଦାସ ହାତେ ଦେଇ, କହେ ମେଲା—
"ଧନକୁ ମୋହର ମନେ ରଖିଥିବ !"
କହୁ କହୁ, କାଂନ୍ଦ ପକାଇଲା ।

ହସି ଦେଇ ଦାସ ଯିବା ବେଳ ବୋଲି,
ଗଂଠିଲି ବୁଜୁଲି ଧେନ ହାତେ,
ବିଦା ଦେଇ ବେଗେ, ବାହାରି ପଡ଼ିଲା,
ମହାପ୍ରଭୁ ନାମ ଭାଳି ଚିତ୍ତେ ।

ସାନ ପିଲାଟିର ତେଜରିଆଟିକୁ
ରଖିଦେଲା ସେହୁ ବୁକେ ନେଇ;
ଆପଦେ ବିପଦେ ସେ ସେନେହ-ଧନ
କେବେ ହେଲେ ତାର ହଜ ନାହିଁ ।

( ୪ )

ତହିଁ ଆରଦିନ ଗୁଡ଼ିବ ବୋଇତ;
ମେଲା ଆସି, ଘୁଡ଼େ ସିଂଧୁକୂଳେ;
ଦାସକୁ ସେ ତହିଁ ଦେଖିଲା କି ନାହିଁ,
କଏ ସେ କହିବ ଏହା ଭଲେ ?

ଛଳ ଛଳ ଆଖି ଚକାଇ ତ ଥିଲା
ଲୁଚିଯିବା ଯାଏ ସେ ବୋଇତ;
ଶେଷକୁ ହତୋପା ଲୁହ ଗଡ଼ିଗଲା,
ବେଳ ଯେବେ ହେଲା ରତରତ ।

ନିରାଶେ ଘରକୁ ଫେରି ଆସି ମେଲା,
କେତେ ଭାଳି ଭାଳି ରାତି ଶେଷେ,
ବଗ୍ଭିଲା, 'ଯାହା କହିଅଛି ଦାସ,
ତହିଁ ଦେବ ମନ ସେ ବିଶେଷେ ।'

ଦୋକାନ ସଜାଡ଼ି, କେତେ ଅନା କରି
ବିକିବାକୁ ଏବେ ବସେ ମେଲା,
କଉଣଲ ଲୋଡ଼ା ବିକା କିଣା କାମେ
ମେଲାକୁ କି କେବେ ଜଣା ଥିଲା ?

ସତ ମିଛ କହି ଭଂଡିବା କାହାକୁ
ଜୀବନେ ସେ କେବେ ଶିଖି ନାହିଁ,
ସଂଭାଳି କେସନେ ଅଳପ ନେବ ସେ,
ଆଗକରି ବେଶି ମୂଲ କହି !

ଧ୍ୱନି ଗୁଳଜଲରେ କେସନେ ପାଲଟ
କରି, ଦରବ ବା ଦେବ ସେହୁ ?
କହି କଉଣଲେ ଟାଣ ମୂଲ ନେଇ,
ଗ୍ରାହକ ଭୁଲାଇ ହେବ କାହୁଁ ?

ଏହିପରି କେତେ ଦିନ କଲା କାମ,
ଦାସ କଥା ମନେ ମନେ ଭାଳି,
ଦୋକାନରୁ ଏବେ ଅଧେ ବୁଡ଼ିବାର
ହେଲା କାଳ ଆସି, ଦେଇ କାଳି ।

ଆକଟ ପଡ଼ିଲେ, ଦୋକାନ ଦରବ
ଗୋଟି ଗୋଟି କରି ଖାଏ ବିକି,
ଟଂକାକର ମାଲ ବାରଣା ଦୁଅଇ,
ଦାସ ଖବରକୁ ଥାଏ ଚାକି ।

ନ ଆସେ ଖବର,    ସରିଲା ବେପାର,
ଦୋକାନଟି ସାରା ଫକା ହେଲା;
ତେଣିକ ପିଲାଂକୁ    ଦେଇ, ବଡ଼ ଦୁଃଖେ
ଦିନ କାଟେ ବସି ସେତୁ ମେଲା ।

ସାନ ପିଲାଟି ତ    ରୋଗେ ସଢ଼ୁଥିଲା,
କି କରିବ, ମେଲା ଜାଣେ ନାହିଁ,
ଦୋକାନେ ବସାଇ    କେବେ ଦିନସାରା,
ଘରେ ତାକୁ ଏକା ରଖିଦେଇ ।

ବଇଦ ଡାକିବ,    ବଳ କାହିଁ ତାର ?
ପଚାରି, ଔଷଧ କେତେ ଦିଏ;
ଚେର ମୂଳ ଜଡ଼ି    ଉପଚାରମାନ
ଦିନରାତି ଲାଗି କରୁଥାଏ ।

ସବୁ କରି କରି,    ନ ଜାଣଇ ମେଲା,
ଦିନ ତାର ହୋଇଗଲା ଆସି;
ପଂଜୁରୀରୁ ପକ୍ଷୀ    ଉଡ଼ି ଗଲା ପରି,
ଟିକି ପରାଣଟି ଗଲା ଖସି ।

ମୁଂଡ ପୋଡି ଏବେ,    ଦିନରାତି ବସି,
ଭାବୁଥାଏ ମେଲା ସବୁ କଥା;
ନ ଆସେ ଖବର;    ନାହିଁ ଘରେ କିଛି;
ଭାଳି ନ ଉଠଇ ତାର ମଥା ।

ଲଇଖଣ ଘରେ    ଏକା ଥାଇ ଏବେ,
ଜାଣୁଥାଏ ସବୁ ମେଲା ଦୁଃଖ;
ଦାସ ଗଲାଦିନୁ    ଦିନେ ହେଲେ ସେତୁ
ମେଲାକୁ ଦେଖାଇ ନାହିଁ ମୁଖ ।

ପିଲାଟି ମରିବା    ଶୁଣିକରି ଏବେ,
ବଡ଼ ଧାଂଡି ହେଲା ତାହା ମନ;
ଭାବୁଥିଲା, 'ଏବେ    ଦେଖିବ ମେଲାକୁ,
ଏ ଦୁଃଖରେ ତାର ନାହିଁ ଆନ ।'

ଦୁଆରକୁ ଆସି    ଧୀରେ ଧୀରେ ସେତୁ
ପଶିଲା ଭିତରେ, ମେଲା ଯହିଁ
କାଂଥକୁ ଅନାଇ,    ପିଲାକୁ ସୁମରି
ବସିଛି, ଯାଉଛି ଲୁହ ବୋହି ।

ଟିକିଏ ଚକାଇ    ଲଇଖଣ ଏବେ
ଅଳପରେ କହି ଆରଂଭିଲା—
"କଥା ରଖିଲେ, ମୁଁ    ମାଗିବି କଥାଏ"
ଶୁଣି, ବୁଲି ଏବେ ଚାହେଁ ମେଲା ।

"ଅଭାଗୀ ତ ମୁହିଁ !    କି ମାଗିବ ମୋତେ ?
କିବା ଦେବି, ମୋର କିବା ଅଛି ?
କହିଲା ସେ ମେଲା;    ଶୁଣି ଲଇଖଣ,
ଲାଜେ ନ ପାରିଲା କହି କିଛି ।

କେତେ ସ୍ନେହ କରି    ଆସିଥିଲା ସେତୁ;
ଏ ଲାଜ ସଂଭାଳି ଧୀରେ ଆସି,
ଅଳପେ ଅଳପେ    କହିଲା ମେଲାକୁ;
ନ ପଚାରି, ମେଲା ପାଖେ ବସି—

"କହୁଥିଲି ମୁହିଁ—    ଆପେ ଦାସ ତାହା
ଭାବୁଥିବ ତ ଥିବ ମନେ ମନେ,
ବସ୍ତୁର ବିଷୟେ    ଦାସ ପରି ମୁହିଁ
ଦେଖି ନାହିଁ ଏଥି ଆଉ ଜଣେ ।

କେତେଥର ତ ମୁଁ    କହିଥିବି ତୁମେ
ବାଛି, ଦାସେ କରଅଛ ବର;
ତେସନ କାମକା    ଛାଂଡି କେତେ ଜଣ
ଜାଣିବାର ପୁଣି କାରିଗର ?

'କରିବି ଏ କାମ'    ବୋଇଲେ, ନ କରି,
ଛାଡ଼ି ଦେବନାହିଁ ଦାସ କେବେ;
ପିଲା ମାଇପଂକୁ    ଛାଡି ତ ଦେଖୁଛ,
ଯାଇଛି ସେ ଦୂରଦେଶେ ଏବେ;

ଦେଶ ଦେଖିବାକୁ ଯାଇନାହିଁ କିଛି;
ମନେ ଭାଳ ସୁଖ ଆପଣାର;
'ପିଲାଂକୁ କପର ଯତନେ ପାଳିବ',
ଏଥିରେ ତ ସବୁ ସୁଖ ତାର ।

ପିଲାଯାକ ଏବେ ନ ପଢ଼ି ନ ଶୁଣି
ଯାଉଛନ୍ତି ବଢ଼ି ହୋଇ ଜନ୍ମେ;
କିଛି ନ କରି ସେ, ବାରବୁଲା ପରି
ବୁଲୁଛନ୍ତି ଏଣେ ତେଣେ ଗ୍ରାମେ ।

ଫେରିଆସି ଦାସ ଦେଖିଲେ ଏସନ
ମନେ ତାର ଦୁଃଖ ହେବ ଘୋର,
ନାହିଁ କେବେ ମୋତେ ନ କରିବ ମେଲା,
ମାଗୁଛି ମୁଁ ଏତେ କରୁଣା କର;

ସାଂଗ ସୁଖ ଆମେ ପିଲାଙ୍କି ଦନରୁ;
ଶୁଣ ମୋର କଥା, ମେଲା ଏବେ;
ସେହି ଦାସ ଲାଗି, ଏ ପିଲାଂକ କଥା
ଭାଳ, ମନା ନ କରିବ କେବେ ।

ଫେରି ଆସି ଦାସ ଦଏ ପିନା ମୋତେ
ହିସାବରେ ସବୁ ଧନଯାକ;
ନଅଂଠ ତ ମୋର ନାହିଁ ଏବେ କିଛି;
ମିନତି ମୋହର କଥା ରଖ ।

ପୁଅ ଝିଅ ଦୁହେଁ ଆସଂକୁ ମୋ ସଂଗେ;
ପଢ଼ିବେ ସେମାନେ ବିଦ୍ୟାଳରେ;
ତାଂକ କଥା ସବୁ ବୁଝି ଥିବ ମୁହିଁ;
ମାଗୁଣି ଏତକ; ଦଅ ମୋରେ ।"

ଶୁଣୁ ଶୁଣୁ, ମେଲା ଲଇଖଣ ମୁଖେ
ତଳେ ଆଉ ନ ପାରିଲା ରହିଁ;
କାଂଧକୁ ଅନାଇ ରହିଗଲା କ୍ଷଣେ;
ମୁଖେ ତାର କଥା ନ ଆସଇ ।

କହିଲା ସଂଭାଳ; "ଲଇଖଣ, ମୋତେ
ବୁଦ୍ଧି ଦିଶୁନାହିଁ କହିବାକୁ;
ଦୁଃଖେ ବସିଥିଲି; ଏ ଦସ୍ୟା କୁଂଭର
ବଳି ଯାଇଅଛି ସେ ଦୁଃଖକୁ ।

ଆସିବେ ତ ଦାସ, ଜାଣୁଛି ନିଶ୍ଚୟ,
ଫେରାଇବେ ପିନା ତବ ଧନ,
ଏ ଦସ୍ୟା କୁଂଭର କେସନେ କଏ ସେ
ଫେରାଇ ପାରିବ, ଲଇଖଣ !"

ଶୁଣି ସେ ଲକ୍ଷଣ କହିଲା ମେଲାକୁ;
"ନେଉଛି ମୁଁ ପୁଅ ଝିଅ ତେବେ ।"
ଛଳ ଛଳ ଆଖି କରି ମେଲା କହେ,
"ଜଗନ୍ନାଥେ କୁଂଭ ସାହା ହେବେ ।"

କହି ଏହିପରି, ଛୁଆଂକୁ ସୁମରି
ଜଣାଇଲା ଲଇଖଣ ପାଇଁ;
କଏ ସେ କହିବ ଲକ୍ଷଣ ସେ ଦନ
ଘରେ ଗଲା କେଡ଼େ ଖୁସୀ ହୋଇ ?

ପିଲାଦୁହିଂକ ସେ ଘଣ୍ଟଶାଳୀ ଲାଗି
ଆଣିଦେଲା ସବୁ ସରଂଜାମ;
ମୁହଁ ପୋଛିଦେଇ ପଂଧାଇଲା ସ୍ନେହେ
ଲୁଗାମାନ ଆଣି କ ଯତନ ।

ଆପଣାରୁ ବଳି କଲା ସେ ତାହାଂକୁ
ରହିଲେ ସେ ଦୁହେଁ ମନସୁଖେ;
ପୂରି ଉଠୁଥିଲା ପରାଣ ତାଂକର
ରହିଁ ଦେଲେ ଲଇଖଣ-ମୁଖେ ।

ମେଲା ପାଇଁ ତ ସେ ବଇରାଗୀ ଏବେ;
ମନକୁ ସେ କଥା ଆଣେ ନାହିଁ,
ବାର ଲୋକଙ୍କର ବାର କଥା ଉଠି,
ମେଲାପାଖେ ସେତେ ନ ଆସଇ ।

ପିଲ୍ଲଂକ ହାତରେ  କେତେ ବାହାନାରେ
ପଠାଏ ଦରବମାନ କେତେ;
ଆଜି ଫୁଲଟାଏ,  ଫଳଟାଏ କାଲି,
ଭଲ ଦରବ ସେ ପାଏ ଯେତେ ।

କି ବସ୍ତୁରେ ମେଲ୍ଲ ?  କି ହୁଏ ତା ମନେ ?
କେସନେ ଜାଣିବ ଲଇଖଣ ?
ଦେଖାହେଲେ କଥା  ନ ହଶଇ ତାକୁ
ପୁରି ଉଠୁଥାଏ ତା ପରାଣ ।

ପିଲ୍ଲଂକର ହେଲା  ଲଇଖଣ ସବୁ
ଦେଖିଲେ ସେ ତାକୁ ଖଂଡଦୂରେ,
ହସି ହସି ଆସି,  ଲାଜ ହୋଇ ପଡ଼ି,
ଖେଳଂତି; ସେ ତାଂକୁ ଗେଲ କରେ ।

ଲଇଖଣ ପରେ  ନିଜ ଘରପରି
କରଂତି ସେ କେତେ ହୁରକୁର;
ଅଳି ଅରଦଳି  ଲଇଖଣ ପାଖେ;
କେଡ଼େ ସୁଖ ତହିଁ ଲକ୍ଷଣର !

କେତେ ଲୋକ ଆସି  କେତେ ସେ ଗୁହାରି
କରଂତି ପିଲ୍ଲଂକ କଥା ଘେନି;
ଚଂଦନ ପରି ସେ  ଲାଗେ ଲଇଖଣେ;
ଉଷତ ପିଲ୍ଲାଏ ଏହା ଜାଣି ।

'ଲଇଖଣ-ବାପା'  ବୋଲି ସେ ଡାକଂତି;
ତାଂକ ବାପା କାହିଁ ଦୂର ଦେଶେ !
ନ ଖାଲଂତି ସେହୁ,  ସେ କଥା କେବେହେଁ
କି ଖାଳିବେ ଅବା, ପିଲ୍ଲା ତ ସେ !

'ତାଂକ ନିଜ ବାପା  ଅଛଂତି ବିଦେଶେ'
ଶୁଣିଛଂତି ସିନା ଲୋକମୁଖେ !
ସାକ୍ଷାତରେ ବାପା  ସେହୁ ଲଇଖଣ,
ତାଂକୁ ପାଇ, ସେହୁ ଥିଲେ ସୁଖେ ।

( ୫ )

ଏସନେ ବିତିଲା  ଦଶଟି ବରଷ,
ବାପ କଥା କିଛି ଶୁଣାନାହିଁ;
କିଏ ସେ କହିବ ?  'ଅଛି କି ନାହିଁ ସେ
ଜୀବନରେ କେଉଁ ଦେଶେ କାହିଁ ?'

ବଇଶାଖ ମାସ  ହେଲାଣି ତ ଏବେ;
ବଣରେ ପାଚିଛି କୋଳି କେତେ;
ତୋଳି ଯିବା ପାଇଁ  ବାହାରିବେ ଆଜି
ନୋଳଅା ଗ୍ରାମର ପିଲ୍ଲା ଯେତେ ।

ମେଲ୍ଲ ପିଲ୍ଲ ଦୁହେଁ  ମେଲ୍ଲ ସଂଗେ ଏବେ
ବାହାରିଲେ କୋଳି ତୋଳିବାରେ;
'ଲକ୍ଷଣ ବାପାଂକୁ  ସଂଗେ ନେବେ ବୋଲି
ପହଂଚିଲେ ଲଇଖଣ ଘରେ ।

'ନାହିଁ ନାହିଁ' କରୁ—  ଥିଲା ଲଇଖଣ;
ଲୁଗା କାନି ଧରି ଟାଣିଲେ ସେ;
ହସି ହସି ତହୁଁ,  ମେଲ୍ଲକୁ ଅନାଇ
ବାହାରିଲା ଲଇଖଣ ଶେଷେ ।

ସମସ୍ତେ ଉଠିଲେ  ନାସି ଉପରକୁ
ଦିଶିଲା ବନସ୍ତ ନାସିତଳେ;
କି ଖାଳ ସେ ମେଲ୍ଲା,  ଥକ୍‌କା ହୋଇ ତହିଁ
ବସିଗଲା ଏକ ବୁଦାମୂଳେ ।

ସେହିପରି ଥକ୍‌କା  ମାରି ଲଇଖଣ
ଧୀରେ ମେଲ୍ଲପାଶେ ଗଲା ବସି;
ପିଲ୍ଲାଏ ଖୁସିରେ  ଗ୍ରାମପିଲ୍ଲ ମେଳ
ଦଉଡ଼ିଲେ ବଣେ ଗୁଡ଼ି ନାସି ।

କୋଳ ଗଛମାନ ଝାଂପୁଳ ଝାଂପୁଳ
ହୋଇଥିଲା, ବଣ ଗ୍ରାସ କରି
ଡାଳମାନ ସବୁ ଟେକିଥିଲେ କି ସେ,
ପିଲାଂକ ଆଂକୁଡ଼ି ଦେଖି, ଡରି !

ଲଗାଇ ଆଂକୁଡ଼ି; କୋଳାହଳ କରି,
ଟାଣିଲେ ପିଲାଏ ଡାଳମାନ;
କୋଳି, ପଚ, ସାନ ଡାଳମାନ ଭାଂଗି,
ପିଲାପାଳ ଜୁର କଲେ ବନ ।

ମେଲା ପାଖେ ବସି— ଥିଲା ଲଇଖଣ;
ମନ ତାର ଥିଲା କାହିଁ ଦୂରେ,
ଦେଖିଥିଲା ଯେବେ ଯଉବନେ ସେଠୁ
'ଦାସ ଥିଲା ଏଥି ମେଲା ତୁଲେ !

ମୁଣ୍ଡ ଆପେ ଏହା ଦେଖି, ଲସିଯାଇ,
ପରାଣ ଛକଲେ ଗଲା ଲୁଚି ।' 
ଭଲ ଭଲ କେତେ— କେଲେ ମୁଂଡ ଟେକି,
ଅଲପେ କହିଲା ମୁହଁ ପୋଛି;—

'ଆହା ଦେଖ ମେଲା' କେତେ ଖୁସି ହୋଇ
କୋଳି ତୋଳୁଛଂତି ପିଲାପାଳ,
ମେଲା ମନ କାହିଁ ଥିଲା ! ସେ ନ ଶୁଣେ;
କହେ ଲଇଖଣ କରି ଦୁଃଖ;—

'ଏତେ ବାଟ ଆସି, ବାଧିଗଲା କି ଗୋ ?'
ପୁଣି ମେଲା ମୁଖେ କଥା ନାହିଁ;
'ସବୁ ବାଧିଲା କି ?' କହି ଲଇଖଣ
ଚାହଁଲେ ମେଲା ଅଛି ନଖେ ଚାହିଁ ।

'ଭଲ ନାହିଁ ମେଲା', ଦେଖି ଲଇଖଣ,
କହି ପକାଇଲା, ନ ସମ୍ଭାଳି,—

ବୁଡ଼ିଛି ଜାହାଜ ! ବୁଡ଼ିଛି ସାଗରେ !
କି ହେବ ସେ କଥା ଭାଳି ଭାଳି ?

ଭାଳି ଭାଳି ଚିନ୍ତା ଦେହ ସରିଯିବ
ପିଲାଂକୁ ରଖିବ ଅରକ୍ଷିତ ।"
ଶୁଣି, ମେଳା ଧୀରେ ମୁଂଡ ଟେକ କଲେ,
ଏ ମୋ ମନେ ସେ କଥା ନ ଥିଲା ତ !

କି ଥିଲା, ନ ଜାଣେ; କେମଂତେ କହିବି
କାହିଁପାଇଁ, ଶୁଣି ଏ ଗହଳ,
ଲାଗୁଥିଲା ମୋତେ, ଏ ପିଲାଗୁଡ଼ିକ
ସବୁ କି ଅନାଥ ହେଲେ ମୋର ।"

ଶୁଣି ଦୂଂର ଆସି ପାଖକୁ ଲକ୍ଷଣ,
କହିଣ ବସିଲା ଧୀରେ ଧୀରେ—
"ଶୁଣିବ କି ମେଲା ? କଥାଏ ମୋ ମନେ
ଅଛି, କହିବ ମୁଁ ମନେ କରେ ।

କେତେ କାଳୁ ଏହା ଅଛି ମୋ ମନରେ
କେତେ ଦିନୁ ମୁହିଁ ନ ଜାଣଇ,
କେବେ ହେଲେ ଦିନେ କହଂତ ତୁଂଭଂକୁ,
ଏତିକି ମାତର ଜାଣେ ମୁହିଁ ।

ସବୁ କି ମଣୁଛ, ଏତେ କାଳ ସେଠୁ
ଯାଇଛି ବିଦେଶେ, ଅଛି ସେଠୁ;
କହେଁ କେବେ ଯାହା ଲାଗୁଥିଲ ମୁହିଁ
ମଂଗଳ କରନ୍ତୁ ମହାପ୍ରଭୁ !

ତୁଂଭର ଏ ଦଶା ଦେଖି ଫାଟିଯାଏ
ବୁକୁ ମୋର; ମେଲା, ଶୁଣିବ କି ?
ଯାହା କହେ ହାତେ, ଧାହା ହେବା ପାଇଁ
କରିବି, କରିବି, ଯାଏ ଥକି ।

କ କହିବ ଆଉ ? ଜାଣି ପାରୁଥିବ,
ମେଳ୍ପ, ତୁମେ ମନକଥା ମୋର;
ତୁଂଭଂକୁ ପାଇଲେ, ଘର କରଂତି ମୁଁ
ବାପା ହୋଇ ତୁମ ପିଲାଂକର ।

'ବାପା' ନବୋଲି ସେନ୍ତୁ ବୋଲଂତି ତ ମୋତେ,
ବଢ଼ିରଂତି ସେତ ବାପା ଡରେ;
ଦେଖିଲେ ତ ତାଂକୁ, ମୋ ମନ ଦୁଅଇ,
ଏ ଜଗତେ ଏକା ସେ ମୋହର ।

ତୁଂଭେ ଏକୋ ଏବେ ବୁଝିଗଲେ, ହେଲ୍ପ,
ରହିବା ଗୋ ସୁଖେ କରି ଘର;
ଜଗନ୍ନାଥେ ସବୁ ମଂଗଳ କରିବେ,
ବୁଝି ବୁଝି କର ଗୋ ବିଚାର ।

ତୁମ୍ଭଂକ ଇଚ୍ଛାରୁ ଦେଖୁଛ ତ ମେଲ୍ପ,
ନଷ୍ଟଂଚ ମୋହର କିଛି ନାହିଁ;
ଖାଇବାକୁ, ଅବା ଘର ବାଂଟିବାକୁ,
କେହି ନାହିଁ ମୋର, ଏକୋ ମୁହିଁ ।

ଜୀବନଯାକ ତ ଜାଣିଛ ଗୋ ମୋତେ,
ମୁହିଁ ତ ତୁଂଭଂକୁ ଜାଣେ ଭଲେ;
କେତେ କାଳୁ ମୁହିଁ ଝୁରୁଛି ତୁଂଭକୁ
ଜାଣିନାହିଁ ତୁଂଭେ ତାହା ଭଲେ ।"

ଶୁଣିଥାଉ ସବୁ, ଧୀରେ କହେ ମେଲ୍ପ,
"କି କହିବି ଲଇଖଣ ମୁହିଁ ?
ଜଗନ୍ନାଥେ ସତେ ପଠାଇ ତୁଂଭଂକୁ,
ଏ ଦଶାରୁ ମୋତେ କଲେ ଥାହି !

ସେହି ଜଗନ୍ନାଥେ କରିବେ ତୁଂଭର
ଏଥିପାଇଁ ସବୁ ସୁମଂଗଳ;
ମତେ ପାଇ ତୁଂଭେ କି ସୁଖ ଲଭିବ,
ଏଥୁ ବଳ ପ୍ରଭୁ ଦେବେ ଭଲ ।

କି କହୁଛ ମୋତେ ? ଦାସ ମୁହିଁ ପରି
ବଞ୍ଚିବ କି ଆଉ ବଡ଼ କେହି ?
ତୁଂଭଂକୁ ଘେନି ମୁଁ କଲେ ହେଲେ ଘର,
ଦାସ ପରି ତୁଂଭେ ହେବ ନାହିଁ ?"

"ବୁଝିଛି ମୁଁ ତାହା", କହେ ଲଇଖଣ
"ଦାସଠାରୁ ମୁହିଁ ହେବ ଭଣ୍ଟା;
ସେଥିରେ ମୋହର କିଛି ଦୁଃଖ ନାହିଁ
ଏବେ ଆଉ ନ କର ଗୋ ମନା ।"

ଆତଙ୍କିତ ହୋଇ ରହିଲା ସେ ମେଲ୍ପ;
ଗାଳ ଚାହିଁ କହେ ଧୀରେ ଧୀରେ,
"ଆହା ଲଇଖଣ କେତେଦିନ ତେବେ
ରହ, ମୁଁ କହିବି ଗାଳ ଭଲେ ।

ଆସିବେ ଯେବେ ସେ— ଆସିବେ ତ ନାହିଁ—
ବରଷେ, ଜାଣ, ମୁଁ ଚକାଇବି,
ବରଷେ ତ ଯିବ କାଲପରି, ହେଲେ;
କହିବି ତୁଂଭଂକୁ ଭଲେ ଭାବି ।"

ଶୁଣି ଶୁଖିଗଲା ଲଇଖଣ ମୁହଁ;
ମେଲ୍ପ ମୁହେଁ ଚାହିଁ କହିଲା ସେ —
"ଜୀବନଯାକ ତ ଚକାଇ ବସିଛି,
ମୋ ପାଇଁ ବଡ଼ କି ଏ ବରଷେ !

ଚକାଇବି ମୁହିଁ, ଯେତେ ଗୋ କହିବ,"
ଶୁଣି ମେଲ୍ପ ଚାହିଁ କହେ ବେଗେ,
"ଛାଡ଼ ତେବେ ତାହା, ଜାଣ, କଥା ଦେଲି,
ଆଜି ଏବେ ବରଷକ ଆଗେ ।

ଯେପରି ଅଛୁ ମୁଁ, ତୁମେ ସେହିପରି
ବରଷଟେ ରହାଇବ ଆଜି ।"
ଶୁଣି ଲଇଖଣ, କହିଲା ଅନ୍ତରେ,
'ବରଷେ ତ, ରହାଇବ ସେହି ।'

ଏଡ଼କରେ ଦୁହେଁ ଦୁହିଁଙ୍କ ଚିହ୍ନା,
ଭିନ୍ନ ହେଲେ କେତେ କାଳଯାଏଁ;
ଗୁହୁଁ ଚହୁଁ ଚଳେ ଦେଖେ ଲଇଖଣ
ଉଦାସିଆ ଖରା ବୁଡ଼ିଯାଏ ।

କଣ ତଳ ଗୁଳ ଅଂଧାରିଆ ଏଡ଼େ
ବଶି ଅସିଲାଣି ବନ ଗଳି;
ମେଲାକୁ କହିଲା, ଘରେ ଯିବା ପାଇଁ,
ଚମକି ଗୁହିଁଲା ଏବେ ମେଲା ।

ଛେଳିକୁ ଅନାଇ ଡକିଲା; ପିଲାଏ
ଡାଳ, ପତ୍ର, କୋଳ କେତେ ଧରି,
ମାଆ, ଲଇଖଣ ସଂଗରେ ଓହ୍ଲାଇ
ଆସିଲେ ଗ୍ରାମକୁ, ନାସ ଗୁଡ଼ି ।

ପଶିଗଲେ ଘରେ ପିଲାଏ; ଦୁଆରେ
ମେଲାକୁ ଅନାଇ, ଲଇଖଣ
କହିଲା ସଂଗ୍ରାନ, "ନ ଭୋଳବ, ମେଲା,
କହିଲି ମୁଁ ଯାହା ଆଜଦିନ ।

ଭୁଲାଇ ଭୁଲାଇ କହିଗଲି ମୁହିଁ,
ନ ଜାଣି ଗୋ କଥା ତୁଂଭେ ଦେଲ;
ମୋହ କଥା ମୋର ଥାଉ, ତୁଂଭେ ଏବେ
ଯାହା ତୁଂଭ ମନ ତାହା କର ।"

ଶୁଣି କହିଁ କହିଁ କାଂଦି ଉଠେ ମେଲା,
କାଂଦି କାଂଦି କହେ ଲଇଖଣେ,
"କଥା ଦେଇଅଛି, ନ ଭୋଳିବ ଆନ,"
ଦୁହେଁ ଚହୁଁ ଗଲେ ଏବେଠେଣେ ।

କହି ସାରି ସଇ, ଘରକାମେ ଲାଗି
ମନେ ମନେ ଭାଳୁଥାଏ ମେଲା —
'ଜୀବନସାଙ୍ଗ ଏ ଖୁଣୁଅଛି, ସତେ
ମୋହଲାଗି ଏତେସବୁ ହେଲା !

ଦିନ ପରେ ଦିନ ବିତିଲା ଏସନେ;
ବଇଶାଖ ଆସି ହେଲା ପ୍ରାପ୍ତି;
କଥା ମନେ ରଖି, ମେଲା ପାଖେ ଆସି,
ଲଇଖଣ ପଚାରିଲା ଜାଣି ।

କହେ ମେଲା, "ସତେ ହେଲାକି ବରଷେ !'
ଲଇଖଣ କହେ "ଦେଖ ଆସି,
ପାଚିଲାଣି କୋଳ ନସିଠଳ ବଣେ;
ଦେଖି ପିଲାସାଙ୍କ କେଡ଼େ ଖୁସି !"

"ଓଷା ଅଛି ମୋର ଏହି କେତେଦିନ;
ଯାଉ ତେବେ," ଥାଇ ଦିଏ ମେଲା,
ଓଷା ପରେ ପର୍ବ, ପର୍ବ ପରେ ପୁଣି
ପିଲାଙ୍କର ସନଖେହ ହେଲା ।

ଏସନେ ବାହାନା ଦେଖାଇ, ସେ ମେଲା
ମାସେ ପକ୍ଷେ ଥାଇ ଦେଉଥାଏ;
ଜୀବନସାଙ୍ଗ ତ ଗୁହିଁଛି ଲକ୍ଷଣି
ଏବେ ପୁଣି ଥାକେ ଥାକେ ଗୁହେଁ ।

ଅଧେ ଡର, ଅଧେ ଭରସି, ସେ କହେ,
"ଯାହା ତୁମ ଇଚ୍ଛା, ହେବ ତାହ ;"
ଶୁଣି ଗଦଗଦ ହୋଇସ ଏ ମେଲା;
ତେବେହେଁ ମଚ୍ଛାଳୁଥାଏ ବାହା ।

କେତେ ଅପସଂଦ  କଥାମାନ କହି
ଥାକ ଦେଉଥାଏ ବାରଂବାର;
ସତେ କି ବସୁରି,  ଲଇଖଣ ମନ
ପରଖୁଥାଏ ସେ ବରାବର !

ଆଶାରେ ଦାସର  ଖବରକୁ ପୁଣି
ଚକାଇ ଚକାଇ, ଗୁହିଁଥାଏ;
ଏସନଟି ପୁଣି  ବିତଗଲା ଆସି
ବରଷର ତିନଭାଗ ଯାଏ ।

ଗ୍ରାମ ଲୋକେ ଏଣେ  କେତେ ବାଚ୍ୟ କଲେ
ମେଲା-ଲଇଖଣ-କଥା ଧରି,
କେ କହେ, "ଲକ୍ଷଣ  ମେଲା ସଙ୍ଗେ ସିନା
କରୁଅଛି କଉତୁକ ଖାଲି ।"

କେ କ୍‌ହେ, "ମେଲା ସେ  ବଡ଼ ହୁସିଆର,
ଓଟାରୁଛି ଲଇଖଣ-ମନ,"
କେ ପୁଣି କହଇ,  "ବୁଢ଼େହପାକ ଲୁଲୁ
ଏ ପୁଣି ସଂସାରେ କି ଚଳନ ?

ଏତେ ତ ଦୁଇଅ  ଘର ହୋଇଥିଲା,
ଏପରି ତ କେବେ ଦେଖା ନାହିଁ,
ବରଷୁ ବରଷ  ବିତ ଯାଉଅଛି,
ଖାଲି ପଦେ ପଦେ କଥା କହି ।"

କେହି କେହି ଥିଲେ  ବଡ଼ ପରପଂଚ,
ଠଗାଠରି ହୋଇ, କହଂତି ସେ,
"ସଣ୍ଢାଟାଏ ମେଲା;  ସଣ୍ଢଆ ଲକ୍ଷଣ;"
ଶୁଣିଣ ଏ କଥା କେହି ହସେ ।

ମେଲା ପୁଅଟି ସେ  କହେ ନାହିଁ କିଛି,
ବାପା ଲକ୍ଷଣକୁ ଥାଏ ମାନି,
ବଡ଼ ହୋଇଥିଲା  ହିଁଅଟି, ସେ କେତେ
ବୁଝାଇ ମେଲାକୁ କହେ ଜାଣି ।

"ବାପା ଲଇଖଣ  କେତେ କରୁଛଂତି
ତାଂକପରି ଆଉ କିଏ ଅଛି ?
ତାଂକ ଘରେ ଯାଇ,  ତାଂକୁ ବାପା କରି,
ରହିଲେ ତ ହାନି ନାହିଁ କିଛି ।"

ଚକାଇ ଚକାଇ,  ଲଇଖଣ ପୁଣି
ବସି ଆସୁଥାଏ ଘେରା ପରି;
ସବୁ ଦେଖି, ଏବେ  ଲାଗଇ ମେଲାକୁ
ଆପଣାର କଲା ପାପ ଭରି !

ଜଗନ୍ନାଥଂକୁ ସେ  ଡାକୁଥାଏ ଖାଲି;
ଦାସ କଥା ଭାବୁଥାଏ ନିତି,
ଜଗନ୍ନାଥେ ସତେ  କଲେ ଅନୁଗ୍ରହ;
ସପନେ ଦେଖିଲା ଦିନରାତି—

'ବସିଅଛି ଦାସ  ଆକାଶକୁ ଗୁହିଁ,
ଆଖେ ପାଖେ ଆଉ କେହି ନାହିଁ,
ରକ୍ତ-ରୁଦ୍ର ଖରା  ପଡ଼ୁଛି ମୁଂଡରେ
ଉପରକୁ ସେହି ଅଛି ଚାହିଁ ।

ବୁଢ଼ା ଜଣେ ଆସି,  ଡାକି କହେ ତାକୁ,
"ତୁହିଁ ଆଉ କାହିଁ ଅଛ ବସି ?
ଘେନଯିବି ମୁହିଁ,  ଆସ ମୋର ସଂଗେ,
ନେବା ପାଇଁ ମୁହିଁ ଅଛି ଆସି ।"

ବୁଢ଼ା ସାଂଗେ ଦାସ  ଉଠି ଚାଲିଯାଏ;
ଭାଂଗଇ ମେଲାର ସପନ ସେ;
ବୁଝିଲା ସେ ମେଲା,  ଦେବତାଏ ଆସି,
ସ୍ୱର୍ଗେ ନେଇଛଂତି ସେହି ଦାସେ ।

'ମରିଛି ତ ଦାସ— ତେବେ କାହିଁପାଇଁ
ପିଲାଂକୁ କରିବ ଅରକ୍ଷିତ ?'
ଲକ୍ଷଣେ ଡକାଇ କହିଲା ଏବେ ସେ,
"କର ବିଭାଘର ହେ ଭୂରିତ ।"

ସରଗର ଚାଂଦ ହାତେ ପାଇଲା କି !
ଲକ୍ଷଣକୁ ଲଗେ ସେହିପରି;
କହିଲା ସେ, "ଯେବେ କଲେ ପ୍ରଭୁ ଏହା,
କରି ନେବା ଆସ ବେଗ କରି ।"

ବିଭା ହେଲେ ଦୁହେଁ, ବାଜିଲା ବାଇଦ,
ଲଇକ୍ଷଣ ଦେଲା ଭୋଜିଭାତ;
ଲଇକ୍ଷଣ ଘରେ ରହିଲେ ସଭିଏ;
ପିଲା ଦୁହେଁ ଏବେ କି ଉଛତ ।

ମେଲାର ତ କାହିଁ ଏ ବିବାହ ଯେବେ,
ଦିନେ ହେଲେ ମନେ ସୁଖ ନାହିଁ !
ବାଟ ଘାଟ ତାକୁ ମାଡ଼ି ପଡ଼ୁଅଛି;
ପବନେ କି ଶୁଣେ, ଜାଣେ ସେହି ।

ଏକା ରହିବାକୁ ଲୁହେ ମନ ତାର;
ଘରେ ପଶିବାକୁ ମାଡ଼େ ଡର;
ମଣେ ଲକ୍ଷଣ, 'ଟିକି ଥିଲେ ପେଟେ,
ଏ ଗ୍ଳାଣ୍ଡି ତ ରହେ କେତେ କାଳ ।'

ସତକୁ ସତ ତ ଦଶମାସେ ହେଲା
ମେଲାର ଝିଅ, ସେ ମେଲାପରି;
ଭୁଲିଗଲା ସବୁ, କରି ଗେଲ ଏବେ,
ନୂଆ ପିଲା ମେଲା କୋଳେ ଧରି ।

ଲକ୍ଷଣ ହେଲା ତା ଜୀବନ-ଦେବତା;
ବଦଳିଲା ସେହୁ ବରାବର;
ବାଟ-ଘାଟ-ଡର କାହିଁଗଲା ଏବେ ?
ନ ଶୁଭେ ପବନେ ଆଉ ସ୍ୱର ।

---

## ଦ୍ୱିତୀୟ ସର୍ଗ

ଦାସ ତ ଜାହାଜେ ଯାଇଥିଲା; ସେହୁ
କାହିଁଗଲା, କିବା ହେଲା ତାର ?
ଛାଡ଼ିଲା ଜାହାଜ ଚୀନଦେଶ ଆଡ଼େ;
ସୁଖେ ଗ୍ଳାଣିଗଲା କେତେ କାଳ ।

ବେଳେ ବେଳେ ଝଡ଼ ଆସିଲା ଅଳପେ,
ଟଳିଲା ଜାହାଜ ସିଂଧୁ-ଜଳେ;
ବାଟ ଗ୍ଳାଡ଼ି କେବେ ଅବାଟେ ଅଳପେ
ଯାଉଥାଏ ସେହୁ ବେଳେ ବେଳେ ।

କେତେ ଏହିପରି ଭଲ ମଂଦେ ଯାଇ,
ସୁଂଦର ପବନେ ଚୀନ ଦେଶେ
ପହଂଚିଲା ଆସି କୁଶଳେ ବୋଇତ,
ଗ୍ଳରିଦିନ ଉଣା ତିନି ମାସେ ।

ବିକାକିଣା କେତେ ଲାଗିଗଲା ତହିଁ;
ଆପଣା ବଣିଜ କଲା ଦାସ;
ପିଲାଂକ ପାଇଁକି ଛିଟ ଛତା ପୁଣି
କଂଢାଇ କିଣିଲା ଆଠ ଦଶ ।

ଫେରିଲା ବେଳକୁ ଚଳିଲା ଜାହାଜ
କେତେଦିନ ଯାଏ କେଡ଼େ ସୁଖେ;
କାହୁଁ ଆସି ମେଘ ଘୋଟେ ଦିନେ ଦିନେ;
କି କରିବେ ଜାହାଜର ଲୋକେ ?

ପିଟଇ ପବନ, ପଡ଼ଇ ବରଷା,
ପର୍ବତ ସମାନ ଉଠେ ଢେଉ;
ଅଗ୍ର ମୂଳଯାଏ ଥରଇ ଜାହାଜ
ଲୋକଙ୍କିଲେ ଗତ କାହିଁ ଆଉ ।

ଛୁଟୁଯାଏ ଝଡ଼, ସୁଂଦର ପବନ
ପୁଣି ତହିଁ ଧନାକେତେ ବହେ;
ପୁଣି ହୁଏ ଝଡ଼; ଥରଇ ବୋଇତ,
ଅବାଟରେ କାହିଁ ଚାଲିଯାଏ !

ଶେଷକୁ ଆକାଶେ ହେଲା ଘୋର ମେଘ;
ପର୍ବତ ସମାନ ଢେଉ ଉଠେ,
ଅଧରାତ୍ର ଯାଏ ଅଂଧାରେ ଗରଜ
ଜାହାଜକୁ ଦେଉଥାଏ ପିଟି ।

ଗର୍ଜନେ ଗର୍ଜନେ ଥରଇ ବୋଇତ,
ଉପରୁ ପଡ଼ଇ କାହିଁ ତଳେ;
କାହୁଁ ଆସେ ଶେଷେ, କାଳ ଲହରିଏ
ଭାଂଗି ସେ ବୋଇତ ଦୂରେ ଦଳେ !

ଜାହାଜଆମାନେ କିଏ କାହିଁ ଗଲେ ?
ମାଲଯାକ ସବୁ ଗଲା କାହିଁ ?
ଅଜ୍ଞାନ ହୋଇ ସେ ଦାସ ପଡ଼ିଥିଲା,
ସକାଳୁ ଦେଖିଲା ଚେତା ପାଇ:—

ଜାହାଜର ଖଂଡେ କାଠ ଧରି, ସେଠୁ
ଲଗିଥିଲା ଭାସି ଭାସି କୂଳ,
ଗୃହଯାକ ଭାସି ଭାସି ସେହିପରି,
ଆଉ ଦୁଇଜଣ ସଂଗେ ଥିଲେ ।

କୂଳୁ ଉଠି, ଏବେ ଦେଖିଲେ ସଭିଏ,
ସମୁଦ୍ରରେ ସେହୁ ଟାପୁଟିଏ;
ଜନପ୍ରାଣୀ ଆଉ କେହି କାହିଁ ନାହିଁ
ଏକାନ୍ତ ତହିଁ ସେ ତିନିହେଁ ।

ଫଳ ଫୁଲ ଗଛ ପୂରି ରହିଥିଲା
ସେ ଟାପୁରେ କେତେ, ଦେଖିଲେ ସେ,
ନଡ଼ିଆ, ପଣସ, କଦଳୀ, କମଳା,
ପାଚି ଟହଟହ, ଶୋଭା ଦିଶେ ।

ମିରିଗ, ମୟୂର, ଚଢ଼େଇ, ଶୁଆ, ଶାରୀ,
ଚରୁଥାଂତି ଦେଖି ଗଛ ମୂଳ;
ମନୁଷ୍ୟକୁ ଦେଖି, ଡରିଲେ ନାହିଁ ସେ;
ଆହା, କି ସୁଖେ ସେ ଥିଲେ ତହିଁ !

ମନୁଷ୍ୟ ପିନା ଏ ଜଗତର ମାରୁଣା !
କାହିଁକି ଜଂତୁଏ ସେ ଟାପୁରେ
ଡରିବେ ମଣିଷେ ? ମଣିଷ କି କେବେ
ଜୀବନେ ସେମାନେ ଦେଖିଥିଲେ ?

ଖୋଜି ଖୋଜି ଏବେ, ତିନିଜଣ ସେ କି
ସମୁଦ୍ରକନାର ପାଖ ଦେଖି,
ଟାପୁ ନାସି ଖୋଲେ ଅଧା କାଂଥି କରି,
ଛ୍ୟାଇ ଦେଲେ ଡାଳପତ୍ର ଯୋଖି !

ଫଳ, ମୂଳ, ଜଂତୁ ସୁଖେ ସେ ଖାଇଲେ
ଟାପୁଯାକ ତହିଁ ରଜାପରି,
ଏତେ ସୁଖେ ରହି, ତେବେହେଁ ତାଙ୍କର
ମନ ହେଉଥାଏ ଘର ଝୁରି ।

ମନୁଷ୍ୟ ମୁହିଁ ତ ନ ଦେଖିଲେ ସେଠୁ,
ଖାଇବାରେ ଖା'ଲି କିବା ସୁଖ;
ଏହିପରି ପିନା କଇଦ ହୁଅଇ,
ସ୍ୱରଗରେ ହେଲେ ଥିଲେ ଲୋକ !

ସଭି ସାନଟି ସେ ତିନିଙ୍କ ଭିତରୁ
ଗଜା ବଇସିଆ ଟୋକାଟାଏ;
ସେଦିନ ଘାଟରେ ପାଣି ମାଡ଼ି ଖାଇ,
କି ହେଲା ତା ବୁକୁ ମାଡ଼େ ଯାଏ ?

ତୁମେ ଶେଯ ଧରି   ଚଢ଼ିଗଲା ସେତ୍ତୁ
ସେବା କଲେ ତାକୁ ବଦହେଁପାକ;
ମଲାନ୍ତୁ ବଳ ସେ   କେତେଦିନ ଚଢ଼ି,
ମରଣେ ଭୁଲିଲା ସବୁ ଦୁଃଖ ।

କାଂଦିବାକୁ କଏ   ଅଛି ବା ତା ପାଇଁ ?
ଏ ଦୁହିଂଙ୍କ ହେଲା ଅଭରସା;
ଦାସ ସଂଗେ ହେନ୍ତୁ   ଥିଲା, ସେ ଏଣିକି
ଛାଡ଼ିଦେଲା ଜୀବନର ଆଶା ।

କସିଣେ ଚଢ଼ି ସେ   ବନାକେତେ ଶେଯେ,
ଦାସେ ଛାଡ଼ିଗଲା ଏକା କରି;
ଦାସ ବସୁରିଲା,   'ରହିଲା ସେ ଏକା
କାହିଁକି, ଜାଣଂତି ନରହରି ।'

ନାସିତଳେ ବସି,   ଦେଖୁଥାଏ ସେହୁ
ଉପରକୁ ନାଳ ବନମାଳ;
ପାଣି ବାଟ ସବୁ   ଉଠିଥାଏ ତହିଁ,
ସତେ କି ବାଟ ସେ ସରଗର ।

ଫଳ ପତ୍ର ଭାରେ   ତ'ଳ ନଇଁଆ'ସେ
ଟେକିଥାଏ ମଥା ଛତାପରି,
ଡାଳୁ ଡାଳେ ଉଡ଼ି,   ହଳଦୀ ବସଂତ;
ସୁନାଖଂଡ ପରି ଭାସେ, ବୁଲି ।

ଗଂଠିରେ ଗଂଠିରେ   ଟେଂଗୁ ଟେଂଗୁ ଫୁଲ
ଧରି, ଗଛ ଡେରି ଥାଏ ଲଟି;
ଫୁଲେ ଫୁଲେ ବସି   କେତେ କେତେ ରଂଗେ
ଉଡ଼ି ବୁଲୁଥାଏ ପ୍ରଜାପତି ।

ଅଳପ ଶୀତରେ   ଆସଇ ବସଂତ;
ଗ୍ରୀଷମ ବରଷା ପଡ଼େ କାହୁଁ ?

ବାର ମାସ ଯାକ   କେତେ ଫଳ ପାଚେ,
କେତେ ଫୁଲ ଫୁଟେ ଡାଳ ଡାଳ ।

ସବୁଁ ଦେଖି ଦାସ   ପଡ଼ଇ ଝାଉଁଳି,
ନ ଦେଖି ମଣିଷ ମୁହଁ କାହିଁ,
ଅମୃତପରି ସେ   ମନୁଷ୍ୟର କଥା
ପଦେ ହେଲେ କେବେ ଶୁଣେ ନାହିଁ ।

ଆହା କବା ଅଛି   ମନୁଷ୍ୟ-ବଚନେ,
କବା ନ ଶୁଣଇ ସେହି ଦାସ !
କୁଂଜେ କୁଂଜେ କୁହୁ   ଡାକଇ କୋକିଳ
ପରି ତହିଁ ସୁଖେ ବାରମାସ ।

ପହର ପହର   କରୁଥାଂତି ରବ,
କେତେ ପକ୍ଷିମାନେ ସମୁ ଦ୍ରରେ,
କୁତୁ କୁତୁ ହୋଇ   କେତେ ପାଣିଧାର
ମିଶଇ ସାଗରେ ତାଳେ ତାଳେ ।

ପତ୍ର ମରମର   ଶୁଭେ ବନସାରା;
କାହିଁ ଦୂରୁ ଆସି ଲହରୀ ସେ,
ପାହାଡ଼ ପଥରେ   ଭାଂଗି ଯାଉଥାଏ,
ତାଳେ ସେ ଶବଦ ତହିଁ ମିଶେ ।

କିଛି ସେ ନ ଦେଖେ,   କିଛି ଶୁଣେ ନାହିଁ,
ବୁଲୁଥାଏ ବନ ବାରି ବାରି;
ସମୁଦ୍ର ଭିତରେ   କାହିଁ ଦୂରେ ଖୋଜି,
ଜାହାଜକୁ ଚାହିଁଥାଏ ଖାଲି ।

ବନ ପରେ ବନ   ଯାଉଥାଏ ବଢ଼ି,
ଜାହାଜ କଏ ସେ ଦେବ ଆଣି ?
ଝଙ୍କାଳୁ ସିଂଦୁରା   ଫାଟଇ ପୂରବେ,
ଗଛେ ପତ୍ରେ ବୋଳେ ସୁନାପାଣି ।

ତରଂଗେ ତରଂଗେ    ନାଚଇ ସାଗର,
ସେହି ସେ ସିଂଦୁର ଧରି କେତେ,
ଉଠ ଆସେ ଖଗ,    ଚାହିଁ ଚାହିଁ ଦାସ,
ବାଧକରେ ପୁଣି ମୁଂଡ ପୋତେ,

ବୁଡ଼ିଯାଏ ବେଳ;    ଚାହିଁ ପୁଣି କଳେ
ଡାହାଣିଆ ଖଗ ଯାଏ ନାଚି,
ହଲଉ ହଲଉ    ସେ ଖଗ ପଡରେ,
ଗଛପତ୍ରେ ଶୋଷି ଯାଏ ଲୁଚି,

ବଂଶ ହୋଇଯାଏ    ଆକାଶରେ ଚଗ
ତେରଛି ଉଡ଼ଇ ସେ ସାଗର;
ପୁଣି ଚାହିଁ ଚାହିଁ    ପଡୁବ ଆକାଶେ
ଦିଶଇ ସିଂଦୁର ଥରଥର।

ପୁଣି ଉଠେ ଖଗ,    ନଖେ ବନସ୍ତ,
ଚାହିଁଥାଏ ଦାସ ବସି କୂଳେ;
ବାରଇ ଜାହାଜ;    ଜାହାଜ ର କାହିଁ
ସେ କୂଳକୁ ଆସେ ନାହିଁ ଭୁଲେ।

ବେଳେ ବେଳେ ପୁଣି    ଯେଉଁପରି ସେହି
ବସିଥାଏ ସମୁଦ୍ରକୁ ଚାହିଁ,
ଜବା ଝୁଲୁଥାଏ,    ସେହି ତା ନ ଜାଣେ,
ରକ୍ତ-ଛିଦ୍ର ଖଗ ମୁଂଡେ ସହି।

ଚେତା ସପନକୁ    ବଳ, କାହୁଁ କେତେ
ଘୋଟିଯାଏ ତାକୁ ଗୁରୁଆଣ୍ଡି,
ଭୁତପରି ତାକୁ    ଲାଗଇ, ସତେ କି
ବୁଲୁ ଛି ବାହାର ନିଜ ଘରୁ।

ଢେକେତ ଛତା ମୁହିଁ    ନାଚଯାଏ ଆଗେ,
କେତେ ଜାଗା ଯେହ୍ନ ଆସେ ବୁଲି,
ଗ୍ରାମେ କେତେ କାମ    କରୁଥାଏ ସତେ!
ଭାକଂଡ ସମସ୍ତେ ଦାସ ବୋଲି!

ମେଲା କରେ ଆଗେ;    ଦଉଡ଼ିଛି ଉଡ଼ିଛି
କଥା କହୁଥାଂନ୍ତି ପିଲାମାନେ;
ନିଜ ଟିକିଘର,    ନାସି ବଣ ଖେଳ,
ସବୁ ଦେଖି, ସତ ମଣେ ମନେ।

ବକଥିବା ନାଆ    ଭାସଇ ଆଗରେ;
ଘରପାଖ ଗଛ ଯା'ଏ ଦିଶି;
ଗ୍ରାମର ବରଷ    ଗ୍ରାମ ପିଲା ଖେଳ
କୋଳତୋଲା ସତେ ଦେଖେ ବସି।

ମେଲା ସଂଗେ ବଣ,    ବାଇଦ ଗହଳ
ଦେଖି ଯାଉଥାଏ ନୃଆ କରି;
ଚାହିଁ ପୁଣି ସେହି    ଟାପୁ ଦିଶିଯାଏ
ଚମକି ସେ ଦାସ ଉଠେ ଥରି।

କି ଅବା କହିବ ?    କା ଆଗେ କହିବ ?
ଦୁଃଖ ଶୁଣିବାକୁ ନାହିଁ କେହି;
ଏକା ଦିନ ରାତି    ବରଷ ବରଷ
ଭାଳି ଭାଳି, ଦିନ ଯାଏ ବହି।

ନୋହୁଣୁ ବପୁସ,    ପାଚି ଯାଉଥାଏ
କାନମୂଳ ଧରି ମୁଂଡବାଳ;
ଚେବେହେଁ ଭାଳଇ,    'ଏ ଦଶା ମୋହର
ଛୁଟିଇବେ ନିଶ୍ଚେ ଚକ୍ରଧର।'

ସତକୁ ସତ ସେ    ଶୁଣିଲେ କି ଏବେ
ଦାସର ଗୁହାରି ଜଗନ୍ନାଥେ ?
ସମୁଦ୍ର ଭିତରେ    ବାଟ ଭୁଲି, ଦିନେ
ଜାହାଜେ ଆସିଲା ସେହି ପଥେ।

ଟାପୁ ଦେଖି ପାଶେ,    ପାଣି ନେବା ପାଇଁ
ଓହ୍ଲାଇ କେତେକ ଲୋକ ତହିଁ,
ପାଣି ଖୋଜି ଖୋଜି,    କଲେ କୋଳାହଳ;
ଚମକିଲା ଦାସ ଶୁଣା ପାଇ।

ମଣ୍ଡଳର ଭୁଂଡ ବାର ବାହାରିଲା,
କ ବଜଜ ରୂପ ସେତ୍କ ଦାସ—
ମୁଂଡବାଳ ସବୁ ଜଂଗଲ ସମାନ;
ବଢ଼ିଅଛି ନଖ, ଦାଢ଼ି, ନଶ !

ଫିଂଧିଛି ପଟର କେଉଁ ଯୋଡ଼ ଯୋଡ଼
ମଣଷ ପର ସେ ନ ଦିଶଇ;
ପାଟି କର କେତେ ଠାରୁଛି ଦେଖାଇ,
କେହ୍ନ କଛି ତହୁଁ ବୁଝି ନାହିଁ ।

ବଲ ବଲ କର ବୁଝିଁଲେ ସରବେ;
ସତେ କବା ଜଂଭୁ ଏଥି ଏହୁ !
କେତେବେଳେ ପୁଣି ଠାର ଦେଖି, ଆସି,
ଟାପୁରେ ଭେଟିଲେ ପାଣି ସେତ୍କ ।

କେତେ କାକୁ ଦାସ କହିନାହିଁ କଥା,
ଯାହା ପାରେ ଏବେ ଯାଏ କହି;
ପାଣି ଧରି, ଲୋକେ ଗୁହାଂଭି ତା ମୁହେଁ,
କେହ୍ନ ହେଲେ କଛି ନ ବୁଝଇ ।

କେତେକାଳେ ଜଣା ପଡ଼ିଲା, ତାହାର
ଲୋଡ଼ା ଯିବା ପାଇଁ ସେ ଜାହାଜେ;
ଜାଣିଲେ ସରବେ, ଏଥି ଏକା ପଡ଼
ଏବେ ସେତ୍କ ଯିବାପାଇଁ ଖୋଜେ ।

ନେଲେ ସେ ତାହାକୁ ଜାହାଜ ଉପରେ;
ଦୟା କଲେ ତାକୁ ସେତ୍କ ଲୋକେ;
ବନ୍ଦୀ ପଇଧାରେ ନେବେ ବୋଲି ତାକୁ
ଆଦରେ ରଖିଲେ ତହିଁ ଥୋକେ ।

ଖିଅର କରାଇ, ଦେଲେ ତାକୁ ଲୁଗା,
ବୁଝିଗଲେ ଦଶା ତାର ଶେଷ;
ଜାଣି ତ ଥିଲା ସେ ଜାହାଜ ବେଉସା;
ଲାଗିଗଲା କାଟେ କେତେ କାମେ ।

ଛକରେ ସେ ପଥରେ ଦେଶ କଥା ତାଂକୁ
କେହ୍ନ ତ ତା ଦେଶୁ ନାହିଁ ତହିଁ;
ବାଟଯାକ ତାକୁ ଦନକ ପରେ କୁ
କରପକ ପର ଲାଗୁଥାଇ ।

ଜାହାଜଟି ପୁଣି ଉଦଗରୁ ବଳେ;
ରହି ରହି ଆସେ ବାଟଯାକ,
ଦେଢ଼ ବରଷରୁ ଅଧିକରେ ଏବେ
ଧଇଲା ସେ ଆସି ଦେଶପାଖ ।

ସେ ଦେଶର ଲୋକେ ଶୁଣି ଦାସ କଥା,
ଆପଣା ଭିତରେ ଗୁଂଦା କରି,
ଖୋଜି, ଦାସ-ଦେଶେ ଯିବା ଜାହାଜରେ
ବସାଇ ତାହାକୁ, ଦେଲେ ଗୁଳ ।

ଆହା ଏତେକାଳେ ଗ୍ରାମ ପାଖ ପାଣି
ଦେଖି, ପକାଇଲା କାଂଦ ସେତ୍କ,
ନାସିରୁ ପବନ ଲାଗିଲା ତା ଦେହେ;
ଦିଶିଗଲା ଗ୍ରାମ ଗୁହୁଁ ଗୁହୁଁ ।

କେ କହିବ ତାର ପରାଣ କ ହେଲା ?
କେମଂତେ ପଡ଼ିଲା ପାଦ କୂଳେ ?
କାହାରିକୁ କଛି ପଦେ ହେଲେ କଥା
ନ କହି, ଗୁଲିଲା ଦାସ ଘରେ ।

କେଉଁ ଘରେ ଯିବ ? ଘର କାହିଁ ତାର ?
ଘର ବୋଲି ଧାଇଁ ଅଛି ଦାସ,
ତାହାଣିଆ ଖରା ବୁଡ଼ିଲାଣି ଆସି;
ଅଂଧାରେ ତାହାର କ ସାହସ ।

ଘୋଟି ଆସି ଏବେ ଆକାଶରେ ମେଘ,
କୁଂଢା ଝଂଡ଼ା ପର ପଡ଼େ ପାଣି,
କାଟ ବାର ବାଇ, ଗୁଲିଅଛି ଦାସ,
ନୂଆ ଘର, ଭଳ ଭେଜି, ଜାଣି !

ମାଟିଘର ସବୁ ହୋଇଅଛି ପକ୍କା,
ବାହାରିଛି କେତେ ନୂଆ ଗଳି,
ଠାଏ ଠାଏ ଅଛି ସେ କାଳର ଗଛ,
ଚିହ୍ନି ଚିହ୍ନି ବୁଲେ, ବାଟ ବାରି।

ଅଂଧାରେ ଭେଟିଲା ଘର ଆପଣାର;
ଥରଟିଲା ଏବେ ସ୍ମୃତି ତାର;
ନାହିଁ ତ ଆଲୁଅ! ନାହିଁ କେହି ତହିଁ!
ନ ଶୁଭଇ କାହିଁ ପିଲା ଗୋଳ!

କାହିଁ ଏବେ ମେଲା? କାହାଂନ୍ତି ପିଲାଏ?
ଦେଖିବ କି ତାଂକୁ ଅଉ ଦାସ!
ନାହାଂନ୍ତି କି କେହି; ଥିବେ ଯେବେ କାହିଁ,
ଦାସର ସେଥିରେ କିବା ଆଶ?

ଭଙ୍ଗଣ ବଟଗା, ଦଣ୍ଡ ପଖ୍ୟାଯାଏ
ବସିଲେ ତହିଁ, ଥକ୍କା ମାରି,
ଧୀରେ ଉଠେ, କେତେ ନିଶ୍ବାସ ପକାଇ,
ଫେରିବାକୁ ଏବେ ସେ ବ୍ୟସ୍ତ।

କାହିଁ ଫେରିବ ସେ? କେଉଁଠାକୁ ଯିବ?
ଦିଶିଲା ଅଂଧାର ଚାରିଆଡ!
ଘୁଡ଼ିଲଣି ମେଘ, ଢଳିଲଣି ଜହ୍ନ,
ନ ଦିଶଇ ତାକୁ ଗଳି ବାଡ଼!

କେତେ କାଳେ ଏବେ ବନ୍ଧୁର ବନ୍ଧୁର,
ପକାଇଲା ସେହି କଥା ମନେ;
ସମୁଦ୍ର କୂଳରେ ଥିଲା ବସାଘର,
ଥିବ କି ଏବେ ସେ ସେହି ଥାନେ?

ଧୀରେ ତହୁଁ ଦାସ ଚାଲିଲା ସେ ଆଡ଼େ,
ଚେହେରକେ ତହିଁ ପହଂଚିଲା,
'ରହାସ ବେହେରା ଥିଲା ତହିଁ ସେବେ,
ନାହିଁ ତ ସେ ଆଉ ତହିଁ ଘର!'

ପୁରୁଣା ହୋଇଛି ସେ ଘର ଦୁଆର;
ଭାଂଗିଅଛି କାଂଥ ଠାଏ ଠାଏ,
ରହାସ ଭାଉଯା ମରୁଆ ବୁଢ଼ୀଟି
ଧପ କାଳ, ବସି, ଦାଂଡେ ଚାହେଁ।

ଘର ଭଡ଼ା ଧରି, ପାଳୁଛି ସେ ପେଟ;
ନ ଆସଂନ୍ତି ଏବେ ଲୋକ ବେଶି;
ଜଣେ ଲୋକ ପାଇଁ ଘର ସେ ରଖିଛି,
ରହିଲା ସେ ଘରେ ଦାସ ଆସି।

ସେ ଗ୍ରାମଟି ଏବେ ହେଲାଣି ସହର;
ବଡ଼ ବଡ଼ ଚଟି ଘରମାନ,
ହୋଇଛି, ଦେଖିଲା ସକାଳୁ ସେ ଦାସ
କେତେ ନୂଆ ଘର ବଡ଼ ସାନ।

କାମ କରି ଖାଇ, କେତେ ଦିନ ତହିଁ
ମରୁଆ-ଘରେ ସେ ଥାଏ ରହି;
ତାହା ସଂଗେ ସେତ ହୁଏ ନାହିଁ କଥା;
ବୁଢ଼ୀ କେତେ ଯାଉଥାଏ କହି।

କାଳ ପାଶ, ଦାସ ଅଳପ ବୟସେ
ହୋଇ ଯାଇଅଛି ବୁଢ଼ାପରି;
ଖସି ସହି, କେତେ ଖଇସି ହୋଇଛି;
ମରୁଆ ପାରିବ କଂପା ବାରି?

କହିଯାଏ ସେଥୁ କେତେ ପୂର୍ବ କଥା;
ଦାସ କଥା ଗଲା ପଡ଼ି ତହିଁ;
କହିଲା, କେମନ୍ତେ ଗଲା ସେ ଜାହାଜେ
ପିଲାମାଇପଂକୁ ଫିଂଗି ଦେଇ।

ଅରକ୍ଷିତ ହେଲେ ତା ପିଲା ମାଇପେ;
ଲଇଖଡି ଆସି ହେଲା ସାହା;
ପିଲାଂକ କଥା ସେ ବାଟପରି ବୁଝି,
କହିଲା, ମେଲାକୁ ହେବ ବାହା।

ସାନ ପିଲାଟି ତ   ଯାଇଥିଲା ମରି;
ବାକି ଦୁଇ ପିଲା ହେଲେ ବଡ଼,
କହିଲେ ପରା ସେ   ମାଆଙ୍କୁ ବୁଝାଇ !
ମେଲା ଲଇଖଣି କଲେ ଘର ।

ଏତେକାଳ ମେଲା   ଚଳାଇଲା ଦାସେ,
ଏବେ ତ ସେ ଧନ ବଳା ହେଲା,
ପିଲାଟିଏ ତାକୁ   ଦେଇଛନ୍ତି ପ୍ରଭୁ;
ସୁଖେ ଘର କରେ ସେଡୁ ମେଲା ।

କହି ସାରି ବୁଢ଼ୀ,   କହିଲା, "ଝଡରେ
ସେ ଦାସନାଏକ କେତେ ଦୁଃଖେ
ସମୁଦ୍ରରେ ପଡ଼ି   କାହିଁ ମରିଥିବ ?
ଉହଂକୁ ପିଲାଏ ତାର ସୁଖେ !"

ଶୁଣୁଥିଲା ଦାସ   ପଥରଟି ପରି,
ମୁହଁ ହେଲେ ତାର ହଲିନାହିଁ,
କିଏ କାହା କଥା   ଶୁଣିଲା ପରି, ସେ
ଶୁଣୁଛି, କିଛି ବା ନ ଜାଣଇ ।

"ସମୁଦ୍ର ଝଡରେ   ମରିଥିବ କାହିଁ ।"
ବୋଲି ବୁଢ଼ୀ ଯେବେ ଦେଲା କହି,
କହିଲା ସେ ଦାସ   ଲେଉଟି, "ଝଡରେ
ସମୁଦ୍ରରେ ମରିଥିବ କାହିଁ !"

ପୁଣି ରହି ରହି,   ନିଶ୍ୱାସ ପକାଇ,
କହିଲା, "ସେ କାହିଁ ମରିଥିବ ?"
ପୁଣି ଧୀରେ କହେ   ମନେ ମନେ ଦୁଃଖେ,
"କାହିଁ ମରିଥିବ, କେ ଜାଣିବ ?"

କମଲା ତ ଦାସର   ଜୀବନର ଧନ;
ବୁଝିଛି ସେ ତାକୁ ଏତେ କାଳ;
ଶୁଣି ଏବେ ଦାସ—   ମନ ହେଲା ଶାନ୍ତି
'ଥରେ ସେ ଦେଖିବ ମୁହଁ ତାର ।'

'ଅଛି ମେଲା ସୁଖେ'   ଦେଖିଲେ, ଜୀବନେ
ନ ହେବ ଦାସର ସୁଖ କେଡ଼େ ?
ଏମଂତେ ଭାବୁଣ,   ଯେଝା କଥା ଭାଳି,
ଧନ ଲୋଭ ତାକୁ ମାଡ଼ି ପଡ଼େ ।

ଭାଳି ଭାଳି, ଏବେ   ଉଠିଲା ସେ ଦିନେ,
କେ ଜାଣେ କାହାଁଇ, ନାସି ଚରେ;
ଆପେ ଜାଣେ ନାହିଁ,   କାହିଁକି ଉଠି, ସେ
ଚାହିଁଣ ବସିଲା ବନମାନେ ?

ଗଡ଼ୁଥିଲା ବେଳ,   ଚାହିଁଲା ସେ କେତେ,
ଅଂଧାରିଆ ଘୁରି ଆସେ ମାଡ଼ି;
ସୁନା-ପାଣି ପରି   ଜାଜ୍ୱଲିଆ ଝଲ
ଦିଶେ ଗଛପତ୍ରେ ଥରି ଥରି ।

ମନେ ଉଠିଲା   କେତେ କଥା ତାର;
କଥାରେ ବଖାଣି ହେବ କି ସେ ?
ସନ୍ଧି ସନ୍ଧି ତ ସେ   ପଥର ହୋଇଛି;
କପାଁ ଏତେ ଆଉ ଭାଳି ବସେ ?

ଦୂରେ ଦିଶେ ଚଳେ   ଲଇଖଣି ଘର,
ଝିହିଝିହି ସଜ ଖରା ପଡ଼ି;
ଚାହିଁ ଚାହିଁ ତାର   କି ହୋଇଲା ମନେ ?
ସେଣି ଆଡ଼େ ଗଲା ପାଦ ଚଳି ।

ଅଂଧାର ହେଲଣି,   କେସନେ, କି ବାଟେ
ଯାଉଅଛି, ଆପେ ନ ଜାଣଇ,
ଲକ୍ଷଣ ଦୁଆର   ଘଟତଳେ ଆସି
ମିଳିଲା କେସନେ, ଜାଣେ ନାହିଁ ।

ପଥର ଝିଙ୍କର    ତଳଯାକ ଖାଲି,
ଦାସ କହୁ ପାରୁ ନାହିଁ ଜାଣି;
ଗଛ ଡାଳ ଧରି,    ଜଳାକବାଟିରେ
କି ଦେଖିବ ବୋଲି, ଚାହେଁ ପୁଣି ।

ନ ଚାହିଁ ନ ଚାହିଁ    ଏସନଟି ଦାସ,
ପଥର-ହୃଦୟ ଯିବ ଫାଟି !
କାହା ମୁଖ ଦେଖି,    ଖୁସି ହେବ ବୋଲି,
ସ୍ନେହପରି ଚାହିଁ, ଭିଡ଼ ପାଟି ।

କାହାକୁ ଚାହିଁ ତ ?    ଏହି ସେ ଲକ୍ଷଣ
ଭୁଂଇ ଲାଗି ମେଲା ଗୁଡ଼ିଥିଲା ।
ସେହି ଏବେ ଘରେ    କି ସୁଖେ ବସିଛି
ଖେଳ କରୁଅଛି ଧରି ପିଲା ।

ଚହ୍ନି ପାରୁଛ କି,    ଯଉବନୀ ସେହୁ
କଏ ସେ ଲକ୍ଷଣ ପିଠିଆଡ଼ୁ
ଝୁଲି, ସେ ପିଲାକୁ    ଦେଖାଇ ଆଙ୍ଗୁଠି,
ଡେନଯାଏ ପିଲା ଧରୁ ଧରୁ ?

ସେକାଳର ମେଲା—    ପରି, ମୁହଁ ତାର
ଦଶି ଆସିଲାଣି, ଚହ୍ନିଛ କି !
ବଢ଼ି ଛିଅଟି ସେ    ମେଲାର; ସେ ପାଖେ
ପିଲାକୁ ଚାହିଁଛି ମେଲାଟିକି !

ପାଖେ ତାର ପୁଅ    ବସି ଦରହାସେ
କହୁଛି ମେଲାକୁ କଥା କସ ?
ଆଙ୍ଗୁଠି ନ ଧରି    ପାରି ହସେ ପିଲା;
ସମସ୍ତେ ହୁଅନ୍ତି ହସ ହସ ।

ଦେଖିଲା ଏବେ ତା    ପସ୍ତଣର ମେଲା
ବସିଛି; ସେ ଆଉ ନୁହେ ତାର !

ମେଲାର ତ ପିଲା,    ଦାସର ସେ ନୁହେଁ;
ବାପ କୋଳେ ଧରି କରେ ଖେଳ !

ଆପଣାର ସେହୁ    ଛିଅପୁଅ ଦୁହେଁ,
ହେଲେଣି ସୁଂଦର ବଡ ବଢ଼,
କେତେ ସୁଖେ ସେହୁ    ଅଛଂନ୍ତି ସେ ଘରେ,
ଦେଖି ଦାସ-ମନ କଲବଲ ।

ମହୁଆ ବୁଢ଼ୀ ତ    କହିଥିଲା ସବୁ,
ଶୁଣିଥିଲା ଦାସ ଭୂତ ପରି,
ଶୁଣାରୁ ଦେଖା କି    ଏତେ ବଳଆର !
ଏବେ ନ ପାରେ ସେ ଦେହ ଧରି !

ଯେତେ ଧରୁଥାଏ,    ଡାଳରୁ ତା ହାତ
ଥରି ଥରି ଆସୁଥାଏ ଖସି,
ଲାଗିଲା, ସେ ପଡ଼ି—    ଯିବ ଗଛମୂଳେ,
ଜାଣିବେ, ଦେଖିଲେ, ଲୋକେ ଆସି ।

ଚମକିଲା ଚହୁଁ,    'ଆହା ସତେ ଏହା
ହେଲେ, କି ଅକାର୍ଯ୍ୟ ହେବ ଖାରି !
ଏ ସୋହାଗ ଘର,    ଏ ସୁଖ ଶରଧା,
ସବୁ ସିନା ଏବେ ଯିବ ସରି !'

ତସ୍କର ଏସନ,    ସ୍ନେହପରି ଡାଳ
ଛାଡ଼ି, ଧୀରେ ଧୀରେ ପାଦ ଚାଳି,
ଝିଙ୍କର ଝୁଂଟିଲେ,    ଶୁଭିବଟି କାଳେ !
ଚାଲି, ଧରେ ଆସି ଦାଂଡବାଲି ।

କେସନେ ଆସିଲା,    କେଉଁ ବାଟେ ଛାଡ଼ି
ଲକ୍ଷ୍ମଣ-ଘର, ନ ଜାଣେ ସେ,
ପଡ଼ିଯିବ କାଳେ !    ତସ୍କର ଏସନ,
ଖଂଡଦୂରେ ଥକ୍କା ମାରି ବସେ ।

'ଜଗନ୍ନାଥେ' ବୋଲି ମନେ ମନେ ଡାକି,
ପଡ଼ିଗଲା ଏବେ ମୁହିଁ ମାଡ଼;
କହିଲା, "ପ୍ରଭୁ ହେ କିଂପା ଦେଖାଇଲ ?
କେଉଁମନେ ସହିବ ଦେହ ଧରି ?

ଆଣିଲ କାହିଁକି ସେ ଠାପୁରୁ ମୋତେ ?
କେହି ତହିଁ ମତେ ନ ଜାଣଂତେ;
ଏବେ ଏଥି ପ୍ରଭୁ ଏତିକି ମାଗୁଣି,
କେହି କେବେ ନ ଜାଣଂତୁ ମତେ ।'

ଦିଅ ମୋତେ ବଳ, କିଛି ନ କହିବି
ମେଲାକୁ, କିଛି ସେ ନ ଜାଣିବ,
ମୋ ମେଲା, ମୋ ପିଲା, ରହଂତୁ ହେ ସୁଖେ,
ନ ଜାଣି ମୋତେ, ମୋ ଦିନ ଯିବ ।

ଆହା କି ସୁଂଦର ପୁଅଝିଅ ମୋର,
ଅଇଁଷିବ ନାହିଁ ମୋର ବୋଲି ।
ଜାଣଂତି ନାହିଁ ସେ, କିଂପାଇଁ ଜଣାଇ;
ତାଂକ ସୁଖଘର ଦେବି ଚୂରି ?

ଜଗନ୍ନାଥେ ମୋତେ ସାହା ହୁଅ, ମୁହିଁ
କେବେ ନ ପଡ଼ିବି ଏଥି ଜଣା,
ସହି ସହି ହେଲା ପଥର ତ ହୃଦ,
ଆଉ କେତେଦିନ ହେବ ସିନା ।"

ବସିଥିଲା ବଟିଏ ଏହିପରି, ଦାସ
ପଡ଼ିଲା କାମୁଡ଼ି ମାଟି ତହିଁ,
ମଣିଷ ତ ସେହି, କେତେ ସମ୍ଭାଳଂତା
କେତେକାଳେ ଉଠେ ଚେତା ପାଇ ।

ଉଠି ଏବେ ଧୀରେ ଗଲାଣି ବସାକୁ,
ଭାଳି ଭାଳି ମନେ ଗୀତ ପଣ,
'ମେଲାକୁ ମୁଁ କେବେ ନ କହିବି ଏହା;
ଜଣାଇବି ନାହିଁ ଭୁଲକରି ।'

ଏମଂତ ବିଚାରି, ମନ ଥଂଡା କରି,
ସେହି ଦିନୁ ତହିଁ ରହେ ଦାସ;
ଜଗନ୍ନାଥଂକୁ ସେ ବିଚାରି ବିଚାରି,
ନ କରଇ କିଛି ପ୍ରକାଶ ।

ପଚାରିଲା ଦିନେ ମରୁଆକୁ ସେହୁ,
"ଗ୍ରାମ ବେଢ଼େଇ ସେ ଲଇଖଣି
ବିଭା ହୋଇଅଛି ଦାସ-ଭାରିଯାକୁ,
କହୁଥିଲ ତେବେ ଗୋ ସେ ଦିନ !

ଦାସ-ଭାରିଯା କି ଆଗ-ବର-କଥା
ବିଚାରଇ ନାହିଁ କେବେ ହେଲେ !"
କହଇ ମରୁଆ, "ଆହା ସେ ବିଚାରି
ସଦା ବେଳେ ସେହି କଥା ଭାଳେ ।

କହଂତା କିଏ ସେ, ଆହା ସତେ ଯେବେ
ଦାସେ ଜାଣଇ ସେ ମନ୍ଦବାର !
ତିଂଡା ଗୁଡ଼ି, ଅବା ରହଂତା ସେ ମେଲା,
ସୁଖେ ବରଷଗେ କରି ଘର !"

ଶୁଣି ଭାଳେ ଦାସ, 'ଜାଣିବ ସେ ଦିନେ,
ଜଗନ୍ନାଥେ ଯେବେ ନେବେ ମୋତେ;
ଗୁହିଁଛି ସିନା ମୁଁ ସେହିଦିନ ପାଇଁ;
ତାରି ମୋତେ ପ୍ରଭୁ ଜଗନ୍ନାଥେ !'

ଏହି କଥା ଭାଳି, ରହିଲା ସେ ଦାସ;
କେହି କିଛି ଆଉ ନ ଜାଣିଲେ,
ଭିକ ତ ମାଗିବା ଜାଣେ ନାହିଁ ସେହୁ,
ପେଟପାଇଁ ସବୁ କାମ କରେ ।

ଧରଇ ବଇଠାଳ, ବୁଣଇ ସେ ଜାଲ,
ଖଲାସିର କାମ କରେ କେବେ,
ଆକଟ ପଡ଼ିଲେ ବୋଇତେ, ପୋଡ଼୍ ଏ,
ଡାକଂତି ତାହାକୁ ଲୋକେ ଏବେ ।

ସବୁ କରୁଥାଏ କଳପର ଦାସ,
ଆଶା ତ ଜୀବନେ ନାହିଁ କିଛି,
ବଂଚିବା ମରିବା ସମାନ ତାହାର,
କି ଅବା କରିବ ଧନ ଇଚ୍ଛି ?

ମାସ ପରେ ମାସ ଗଲା ଏସନେ,
ନ ପୂରୁ ବରଷ, ଆସି ତାହିଁ
ଦେଖାଗଲା ରୋଗ, ଅଳପେ ଅଳପେ
ବଳ ଗଲା ଖସି ଦାସ-ଦେହୁଁ ।

ବସି କେତେ ଦିନ, ଶୋଇଲା ସେ ଶେଷେ,
ଦୁଃଖ ନାହିଁ ତାର ତିଳେ ହେଲେ,
ଝଡ଼ ପାହାଂତରେ ଫଇର୍, ଫାଟିଲା—
ପର ମରଣକୁ ଚାହିଁ ଭଲେ ।

ଜୀବନେ ଚାହିଁଛି ମରଣକୁ ସେହୁ,
ମରଣେ ଜୀବନ ପାଇବ ସେ,
ମଲା ପରେ ପରା ଜାଣିବ ସେ ମେଳା
'ଦାସକୁ ସେ କେଡ଼େ ବଡ଼ ଦିଶେ' ।

ମଲା ଯାଏ ସେହୁ ଜୀବନ-ଦୋସରେ
କେସନେ ସେ ଦାସ ଖଟୁଥିଲା ?
ଖଟଣ ଏସନ; ଜାଣି ଶେଷକାଳ,
ମରୁଆକୁ ଦାସ ଡାକ ଦେଲା ।

କହିଲା ତାହାକୁ, "ଶୁଣ ଆଗୋ ବୁଢ଼ୀ,
ଅଛି ମୋର ଏକ ମନ-କଥା,

ପ୍ରଭୁ-ନାମ ଧରି, କହ ମୋତେ ଆଗ
ନ କରିବ କେବେ ତା ଅନ୍ୟଥା,

ମରିବାର ମୋତେ ନ ଦେଖିବା ଯାଏ
ନ କହିବ ତାହା କାହା ଆଗେ ।"
"କି କହୁଛ ବାବୁ ଅମଂଗଳ କଥା !"
ଶୁଣି ଏହା, ବୁଢ଼ୀ କହେ ବେଗେ;

"ଭଲ ହୋଇଯିବ, ଅଛୁ ଆମେ ସବୁ,
ଭୟ କିଛି, ବାପା, କର ନାହିଁ ।"
ଟାଣ କରି ତହୁଁ କହିଲା ସେ ଦାସ,
"କହ ମୋତେ ଦେଇ ପ୍ରଭୁ-ଦୋହି ।

କିଛି ନ ବୁଝି, ସେ ମରୁଆ ବୁଢ଼ୀଟି
ଦିହି ପକାଇଲା, ଡରି ଡରି,
ବୁଲାଇଣ ଆଖି ମରୁଆ ଉପରେ,
କହେ ତାକୁ ଦାସ ହାତ ଠାରି:—

"ଜାଣ କି ଏ ଗ୍ରାମ ଦାସ ନାଏକକୁ ?
ଜାଣ କି ?" ଚମକି ବୁଢ଼ୀ କହେ—
"ଜାଣେ ନାହିଁ ମୁହିଁ ? ଭଲକରି ଜାଣେ,
ଶୁଣି, ଏବେ ମନେ ପଡ଼ୁଯାଏ—

ଏହି ଦାଂଡ ବାଟେ ବୁଲି ଯାଉଛି ସେ,
ମୁଂଡ ଟେକି କେଡେ ବରପରି ।
ଲାଗି ଖାଏ ସେହୁ, କାହା ପାଖେ କେବେ
ରହେ ନାହିଁ ମୁଂଡ ପୋତିକରି ।"

ଧୀରେ ଧୀରେ ଦୁଃଖେ କହେ ଏବେ ଦାସ,
"ପୋତି ହୋଇଅଛି ମୁଂଡ ତାର,
କେହି ନ ପଚାରେ, ନ ଜାଣେ ତାହାକୁ,
ମରିବାଇ କାଳ ହେଲା ମୋର ।

ଦୁଇ ଜନ ଦନେ ମରବଇଁ ମୁହିଁ,
ସେହି ଦାସ, ମୋତେ ଜାଣ ଏବେ ।"
ଚମକ ସେ ବୁଢ଼ୀ. ମିଛ କଲ ପରି
କହିଲା, "ସତ କ ଏହା କେବେ ?

ସେହି ଦାସ ତୁମେ ! କେବେ ନୁହେ ଏହା !
ସେ ତ କେଡ଼େ ଡେଂଗ ତୁମଠାରୁ !"
କହେ ପୁଣି ଦାସ, "ଜଗନ୍ନାଥେ ଏବେ
କରିଛଂନ୍ତି ମୋର ମୁଂଡ ଗରୁ ।

ଦୁଃଖଭାର ଯେନ, ଲଇଁଗଲା ମଥା,
ଭାଂଗି ଯାଇଅଛି ମହି ଶିରା,
ହେଲେହେଁ ମୁହିଁ ଗୋ ସେ ଦାସ ନାଏକ,
ବଭି ହୋଇଥିଲି ମୁହିଁ ପରା !

କି କହିବି ଆଉ ? ସେହି ମୋ ଭାରିଯା,
ଲକ୍ଷଣ ସଂଗେ ସେ କରେ ଘର !
ଶୁଣ ଏବେ ବୁଢ଼ୀ, କହିବି ତୁଂଭଂକୁ
ସବୁ ଦଶା ମୋର ଜୀବନର ।

କହିଲା ସେ ତହୁଁ, କେସନେ ଜାହାଜ
ଭାଂଗିଲା, ଟାପୁରେ ରହିଲା ସେ;
ଗୁହିଁ ଗୁହିଁ ଏକା, ଜାହାଜେକ ଦେଖି;
ଆସିଣ ମିଳିଲା ଗ୍ରାମ ଶେଷେ;

କେସନେ ସେ ଦନେ ଯାଇ, ଲଇଖଣ-
ଘରେ ଅନାଇଲା ମେଲା-ମୁଖେ;
କେସନେ ବଗୁରି, ରହିଲା ମଉନେ,
ସେହିଦନୁ କଥା ଚପି ବୁକେ ।

ଶୁଣୁ ଶୁଣୁ ବୁଢ଼ୀ- ଆଖିରୁ ଲୋତକ
ଝର ଝର ହୋଇ ପଡ଼େ ଝରି;

ମନେ ହେଲା ତାର ଉଠି ସେହିକ୍ଷଣି
ଗ୍ରାମଟରେ ପକାଇ ଦେବ ହୁରି ।

କହିବ ସଭିଂକୁ ଦାସ-ଦୁଃଖ ସବୁ;
ବଗୁରି, ସେ ପୁଣି ଗଲା ରହି;
ମନେ ହେଲା ତାର- କରିଛି ନିୟମ,
ପକାଇଣ ଜଗନ୍ନାଥ-ଦାହି ।

କେତେବେଳେ ବୁଢ଼ୀ କହିଲା ସଂଭାଳ
"ପିଲାଂକୁ ଟିକିଏ ଦେଖିଆଅ;
ଯାଉଛି ଆଣିବି ତାହାଂକୁ ଏଠାକୁ;
ତୁହେଁ ହେ ନାଏକ ଘର ପୁଅ ।"

କହି ଏହା ବୁଢ଼ୀ ହେଲା ଉଠ ଉଠ,
ଯିବାପାଇଁ ତରତର ସତେ !
ଟିକିଏ ସେ କଥା ବଗୁରି, ନିଶ୍ୱାସ
ପକାଇ, ସେ ଦାସ କହେ ଏତେ;

"ଆଉ ବୁଢ଼ୀ ମୋତେ ଏ ଶେଷବେଳକୁ
କର ନାହିଁ ଏବେ ହରବର;
ବଗୁରିଛି ଯାହା, ମରିବା ଯାଏ ମୁଁ
ରଖିବାକୁ ପ୍ରଭୁ ଦେବେ ବଳ ।

ବସ ତୁମେ ଏବେ, କହିବାକୁ ମୋର
ବଳ ଥିବାଯାଏ, ଶୁଣ କଥା;
ମଲାପରେ ମୋର, କହ ଗୋ ମେଲାକୁ,
ନ ମଣିବ କେବେ ସେ ଅନ୍ୟଥା;

'ଶୁଭ ମନାସି ମୁଁ ମରୁଛି ତାହାର,
ସୁଖେ ତାକୁ ରଖିଥିବେ ପ୍ରଭୁ,
ପରାଣ-ଦୋସର ସେହି ମୋର ଏକା;
ଜୀବନେ ମରଣେ ସବୁ ସେହୁ !'

ଝିଅକୁ ମୋହର    କହିବ, କଲ୍ୟାଣ
କରୁଛି ମୁଁ ତାକୁ ବରାବର;
କହିବ ପୁଅକୁ,    ମରିଅଛି ମୁହିଁ
ମନାସି ମନାସି ଶୁଭ ତାର ।

ଲକ୍ଷଣେ କହିବ,    'ମନାସୁଛି ମୁହିଁ,
ଭଲ ହେବ ତାର ସବୁମନ୍ତେ;
ଭଲ ଛଡ଼ା, ପୋର    ଆଉ କଣ୍ଟି କେବେ,
ବଞ୍ଚିବନ ହିଁ ସେ ଏ ଜଗତେ !'

ବୁଢ଼ି ହେଲାଦିନୁ    ପୁଅଝିଅ ମୋର
ଦେଖି ତ ନାହାଁନ୍ତି ମୋତେ କେବେ,
ଜୀବନେ ନ ଦେଖି,    କହିବ ତାହାଙ୍କୁ
ମରଣେ ଦେଖିବେ, ମନ ଯେବେ ।

ମରଣେଟି ହେଲେ    ମେଲକୁ ଗୋ କେବେ
ମୋତେ ଦେଖିବାକୁ ନ ଡାକିବ;
ମରଣେ ମୋ ମୁହଁ    ଦେଖି, ଜୀବନକୁ
କାଳେ ମନ ତାର ଭାଂଗିଯିବ !

ଯାଉଛି ମୁଁ ଯହିଁ;    ସେ ଦେଶରେ ଏକା
ଦେଖିବ ମୋହର ଅଛି ଜଣେ;
ଦେଖି ମୋତେ ସେହୁ,    କେଡ଼େ ଖୁସି ହେବ !
ତାହାର ଏ, ରଖ ସାବଧାନେ;

ଗଲାବେଳେ ଏହି    ଡେଉଁରିଆଟିକ
କାଢ଼ି ଦେଇଥିଲା ମେଲା ମୋତେ;
ଏତେକାଳ ତାକୁ    ରଖିଲି ଯତନେ;
ବସିରଥିଲି ମୁଁ ନେବି ସାଥେ !

ଏବେ ବସିରୁଛି,    କି ହେବ ବା ନେଇ ?
ଦେଖିବ ମୋ ପିଲା ତହିଁ ସୁଖେ,
ମଲାପରେ ମୋର,    ଦେବ ଗୋ ମେଲାକୁ,
କହିବ, ଥିଲା ଏ ମୋର ବୁକେ ।

ଏଥିରେ ସେ ଅବା    ପାଇବ ଆଶ୍ୱାସ !
ଚିହ୍ନି ଏହା ତାର ହେବ ପୁଣି,
ଏ ଡେଉଁରିଆଟି    ପାଇଲେ, ସେ ସତେ
ସେହି ବୋଲି ମୋତେ ଯିବ ଜାଣି ।"

ତୁନି ହେଲା ଦାସ,    ମରୁଆ ବଖାଣି
କହିଲା, କରିବ ସବୁ ସେହି,
ବୁଲାଇ ବୁଲାଇ    ଆଖି ଡୋଳା, ଦାସ
ଗୁଣି ଗୁଣି ପୁଣି କହେ ତହିଁ,

ଗୋଟି ଗୋଟି କରି,    ସବୁ କଥାଯାକ
ବୁଝାଇ ବୁଝାଇ ଆଉଥରେ;
ଆଉଥରେ ପୁଣି    କରିବାକୁ ସବୁ
କହିଲା ମରୁଆ, ଶୁଣି ଭଲେ ।

ବିଗିଡ଼ି ବସିଲା    ସେହି ଦିନୁ, ଏବେ
ତିନି ଦିନ ଗଲା ସେହୁ ଦାସ
ଫିକା ନିରକ୍ତି    ମୁହଁ ମେଲାକରି,
ଶୋଇଥିଲା, ବନ୍ଦଥିଲା ଶ୍ୱାସ;

ହାତ ଗୋଡ଼ ତାର    ଉଠୁନାହିଁ ଆଉ,
ଜଗି ବସିଅଛି ସେ ମରୁଆ,
କେବେ ଅବା ଥରେ    ଘୁମାଇ ପଡ଼ୁଛି,
କେବେ ହାଇ ମାରି କରେ 'ଆହା' ।

ହୁହୁଁ ହୁହୁଁ ଏବେ    କରାସି ଝଂକାରି
ସମାନ ପବନେ ସମୁଦ୍ର ସେ
ଗରଜି ଉଠିଲା,    କଂପିଗଲା ଘର
ଝଂକାରିଲା ବଣ ସେ ବତାସେ ।

ଶୁଣିଲା ସେ ଦାସ, ଉଦାର ଉଦାତ୍ତ,
ଅଧେ ଉଠି, କହେ, "ଏହି ସତେ
ଆସିଲା, ଆସିଲା, ଜାହାଜ, ଜାହାଜ,
ଧନ୍ୟ ଧନ୍ୟ ତୁମେ ଜଗନ୍ନାଥେ !"

କେତେ ସାଟିକରି, କହିଲା ସେ ଏହା;
ପଡ଼ିଗଲା ଶେଯେ କହିସାରି;
ନ କହିଲା, ଆଉ ନ ଜାଣିଲା; ବୁଢ଼ୀ
ଜାଣିଲା, ସେ ଦାସ ଗଲା ଚାଲି ।

ଏତେ ଦଂଭ ଧରି, ଏତେ ସହି ସହି,
ଚାଲିଗଲା ଏବେ ଦାସ ଘାରୁ !
ସହାନ୍ତି ସରବେ ଜୁଟି ହେଲେ ଆସି;
କେତେ କେ କହିଲା ଗୁଣ ତାର !

ସଞ୍ଜରେ ଶ୍ମଶାନ— ବେଶ୍ୱର ସରବେ
କଲେ ଆୟୋଜନ କେତେପରି,
ହୋଇ ତ ନ ଥିଲା କାହା ଶୁଖ-ନିଦ୍ରା
ସେ ଗ୍ରାମେ ତ କେବେ ଏତେ ଭଲ !